# କୈଶୋର ପ୍ରତିଭା ଅନ୍ବେଷଣ କର୍ମଶାଳା




ଡେଲାଙ୍ଗ,୧୨।୧(ସମିସ)

ଡେଲାଙ୍ଗ ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ କିଶୋରୀ ବାଳିକା ଓ ବାଳକମାନଙ୍କ ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସିଡିପିଓ ଜାପାନୀ ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ ମୁଖ୍ୟଅତିଥି, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ସରପଞ୍ଚ ମାର୍କଣ୍ଡ ମଙ୍ଗରାଜ ଓ ଶେଷଦେବ ବାରିକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କିଶୋର କିଶୋରୀମାନଙ୍କୁ ଶିଶୁ ଚୋରା ଚାଲାଣ, ବାଲ୍ୟ ବିବାହ ନିରୋଧ, କିଶୋର ଅବସ୍ଥାରେ ପୁଷ୍ଟିକର ଖାଦ୍ୟର ମହତ୍ତ୍ୱ, ଶିଶୁ କନ୍ୟା ମାନଙ୍କର ସୁରକ୍ଷା ଆଦି ସମ୍ପର୍କରେ ସଚେତନ କରାଇଥିଲେ । ଏହି କର୍ମଶାଳାରେ ବ୍ଲକରୁ ୧୧ ରୁ ୧୯ ବର୍ଷ ବୟସର ମୋଟ ୧୨୫ଜଣ କିଶୋର କିଶୋରୀ ଅଂଶଗ୍ରହଣ କରିଥିଲେ । ଅହି ଅବସରରେ ବକ୍ତୃତା, ନୃତ୍ୟ, ସଂଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ କପ ପ୍ରଦାନ କରାଯାଇଛି । ସଂଘମିତ୍ରା ବେହେରା, ଶାନ୍ତିଲତା ବାରିକ, ସରୋଜିନୀ ବେହେରା, ଝୁନୁ ମଲ୍ଲିକ, ଭାନୁ ମଲ୍ଲିକ, ଶାନ୍ତି ନନ୍ଦ, ସାଗରିକା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



କଣାସ,୧୨।୧(ସମିସ): କଣାସ ବ୍ଲକ ଚୁପୁରିଙ୍ଗି ପଞ୍ଚାୟତ ସରସ୍ୱରୀ ଶିଶୁ ବିଦ୍ୟାମନ୍ଦିରର ନବ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ସଭାରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ମୁଖ୍ୟଅତିଥି, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ, କାଦୁଆଘାଟ ଏକାଡେମୀ ପ୍ରଧାନ ଶିକ୍ଷକ ଅଜୟ କୁମାର ବଳିୟାରସିଂହ ଅତିଥି ଭାବେ ଯୋଗ ଦେଇଥିଲେ । କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଆ.ର୍ଯ୍ୟ ଓ ଗୁରୁଜୀ ଗୁରୁମା' ମାନେ ପରି.ଳନା କରିଥିଲେ ।

# ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ



କଣାସ,୧୨।୧(ସମିସ):

କଣାସ ବ୍ଲକ ଗଡସାନପୁଟ ପଞ୍ଚାୟତର ଚଉଦ ମୌଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ନେଇ ଶନିବାର ବିଦ୍ୟାଳୟ ପରିସରରେ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଡେମୋନଷ୍ଟ୍ରେଟର ସଂସଦ କୁମାର ପ୍ରଧାନ କାର୍ଯ୍ୟକ୍ରମ ଆୟୋଜନର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ । ବରିଷ୍ଠ ଆଧ୍ୟାପକ ରବୀନ୍ଦ୍ର କୁମାର ସୁନ୍ଦରାୟ, ବିଜୟ ପଣ୍ଡା, ଅଧ୍ୟାପିକା ଡ. ଦିପ୍ତୀମୟୀ ରାୟ, ଡ. ଲକ୍ଷ୍ମୀପ୍ରିୟା ସାହୁ, ଅଞ୍ଜଳି ମିଶ୍ର, ସୀମାରାଣୀ ସାହୁ, ରଂଜନ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ୧୦ଦିନ ଧରି ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମକୁ ହରପ୍ରିୟା ଭୁଜବଳ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଉଛନ୍ତି । ଶିବିରରେ ୧୨୪ଜଣ ଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି ।

# କେବିଇଏମ୍ ସ୍କୁଲ ପକ୍ଷରୁ ରକ୍ତଦାନ ଶିବିର, ୩୫ ୟୁନିଟ୍ ସଂଗ୍ରହ

କାକଟପୁର/ବାଙ୍ଗୁରିଗାଁ, ୧୨।୧(ସମିସ): କାକଟପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ କେବିଇଏମ କିଡ୍ସ ପବ୍ଲିକ ସ୍କୁଲ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ସ୍କୁଲ ପରିସରରେ ଆୟୋଜିତ ହୋଇଯାଇଛି । ଉକ୍ତ ଶିବିରକୁ କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ, କାକଟପୁର ପ୍ରେସ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ, ଅନୁଷ୍ଠାନର ନିର୍ଦ୍ଦେଶକ ଦିବ୍ୟରଞ୍ଜନ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, କାକଟପୁର ଏବଂ ଅସ୍ତରଙ୍ଗ ଅଞ୍ଚଳର ପ୍ରମୁଖ ସାମ୍ବାଦିକମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ମାନସ ରଞ୍ଜନ ସେଠୀ, ସହ-ନିର୍ଦ୍ଦେଶକ ଆଲୋକ ରଞ୍ଜନ ପାଣି, ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବିଶ୍ୱାଳଙ୍କ ସମେତ ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ମାନେ ଶିବିର ପରିଚାଳନା କରିଥିଲେ । ଏଥିରେ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଭୁବନେଶ୍ୱରର ରେଡକ୍ରସର ଡାକ୍ତର ଏବଂ ଅଧିକାରୀମାନେ ରକ୍ତ ସଂଗ୍ରହ କରିଥିଲେ । ପରିଶେଷରେ କାକଟପୁର ଏବଂ ଅସ୍ତରଙ୍ଗ ଅଞ୍ଚଳର ସମସ୍ତ ସାମ୍ବାଦିକମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଭାରସାମ୍ୟ ହରାଇ ବାଇକ ଚାଳକ ଗୁରୁତର

ବଲଙ୍ଗା, ୧୨।୧(ସମିସ): ରବିବାର ପୂର୍ବାହ୍ନରେ ବଲଙ୍ଗା ଥାନା ଅନ୍ତର୍ଗତ ପିପିଲି - ନିମାପଡ଼ା ରାସ୍ତାର ଦଳଭାଣପୁର ବଡ଼ଶଙ୍ଖ ବ୍ରିଜ ସହ ଏକ ବାଇକ ଭାରସାମ୍ୟ ହରାଇ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଚାଳକ ନିମାପଡ଼ା ଥାନା ରେଞ୍ଜ ପଞ୍ଚାୟତର ବିଶ୍ୱାଳପଡ଼ା ଗ୍ରାମର ଅନାମ ଭୋଇ ବୋଲି ଜଣାପଡିଛି । ଅନାମ ବାଇକ ଯୋଗେ ଦଳଭାଣପୁର ଛକରୁ ପିପିଲି ଅଭିମୁଖେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ବଡ଼ଶଙ୍ଖ ବ୍ରିଜ ସହ ପିଟି ହୋଇ ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ ।

# ଧାନ ଖଳାରେ ନିଆଁ; ୬୦୦୦ ହଳା ପୋଡିଗଲା

କାକଟପୁର,୧୨।୧(ସମିସ): କାକଟପୁର ପଞ୍ଚାୟତର ଦହିଖିଆ ଗ୍ରାମର ସୁରେନ୍ଦ୍ର ସ୍ୱାଇଁଙ୍କ ଧାନ ଖଳାରେ ନିଆଁ ଲାଗି ୬୦୦୦ ଧାନ ହଳା ପୋଡ଼ି ଯାଇଛି । ଖବର ପାଇ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ ହେଁ ତାଙ୍କର ସମସ୍ତ ଧାନ ଖଳା ପୋଡ଼ି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ । ସୁରେନ୍ଦ୍ରଙ୍କୁ ସରକାରୀ ସହାୟତା ଦେବାକୁ କାକଟପୁର ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଦାବି କରିଛନ୍ତି ।

# ଟ୍ରାଫିକ୍ ସମସ୍ୟା ଗୁରୁତର; ୧ ଘଣ୍ଟା ଅଟକିଲା ଆମ୍ବୁଲାନ୍ସ

**ନୟାହାଟ,୧୨।୧(ସମିସ):** ନୟାହାଟ ଏକ ଜନଗହଳିପୂର୍ଣ୍ଣ ବଜାର । ଉକ୍ତ ବଜାରକୁ ଦୈନିକ ୬ଟି ବ୍ଲକ ଓ ୩ଟି ଜିଲ୍ଲାର ଲୋକମାନଙ୍କ ଚଳପ୍ରଚଳ ହୋଇଥାଏ । ପ୍ରତି ବୁଧବାର ଓ ରବିବାର ହାଟବାରି ମାନଙ୍କରେ ସକାଳ ଓ ସନ୍ଧ୍ୟାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ । ଯାହାଫଳରେ ଗାଡ଼ି ଚଳାଚଳ ନେଇ ସମସ୍ୟା ଉପୁଜିଥାଏ । ଆଜି ରବିବାର ହାଟ ପାଳି ଥିôବାରୁ ସମାନ ସମସ୍ୟା ଦେଖିବାକୁ ମିଳିଥିଲା । ଘଣ୍ଟାଘଣ୍ଟା ଧରି ଗାଡ଼ି ଚଳାଚଳ ବନ୍ଦ ରହିବା ସହ ଭିଡ଼ରେ ଏକ ଆମ୍ବୁଲାନ୍ସ ମଧ୍ୟ ୧ ଘଣ୍ଟା ଧରି ଫସି ରହିଥିଲା । ଆଜି ସନ୍ଧ୍ୟାରେ ସିଙ୍ଗପାନିଆ ଗ୍ରାମଠାରୁ ନୟାହାଟ ଫାଣ୍ଡି ପର୍ଯ୍ୟନ୍ତ ୧କିଲୋମିଟର ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜିଥିଲା । ବହୁ ସଂଖ୍ୟାରେ ବସ, ଟ୍ରକ, ବାଇକ ଭିଡ଼ରେ ଫସି ରହିଥିଲା ।



ଖବର ପାଇ ନୟାହାଟ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ସମସ୍ୟା ଦୂର କରିବା ସହିତ ଆମ୍ବୁଲାନ୍ସକୁ ପ୍ରଥମେ ଛାଡିଥିଲେ । ଏଠି ପୂର୍ତ୍ତ ବିଭାଗର ଦୁଇ ପାର୍ଶ୍ୱରେ ଜାଗା ଥିବା ବେଳେ ତାହା ଜବରଦଖଲରେ ରହିଥିବାରୁ ରାସ୍ତା ସଂକୁଚିତ ରହୁଛି । ଏପରିକି ହାଟବାରିରେ ରାସ୍ତା ଉପରେ ଶହଶହ ସଂଖ୍ୟାରେ ବାଇକ, ସାଇକେଲ ରହୁଥିବାରୁ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି । ବିଶେଷ କରି ସନ୍ଧ୍ୟା ସମୟରେ ବଜାର ଭିଡ଼ ରହୁଥିବାରୁ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି । ସାଧାରଣ ଜନତା ରାସ୍ତାରେ ଚାଲିକି ଯିବା ମଧ୍ୟ କଷ୍ଟକର ହୋଇପଡୁଛି । ଏଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବା ସହ ରାସ୍ତା ପାର୍ଶ୍ୱରୁ ଜବରଦଖଲ ହଟାଇବାକୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି ।

# ବ୍ଲକସ୍ତରୀୟ କନିଷ୍ଠ ଶିକ୍ଷକ ସଂଘ ଗଠନ ଓ କର୍ମକର୍ତ୍ତା ନିର୍ବାଚନ



କୁଣ୍ଢେଇ,୧୨।୧(ସମିସ): ନବନିଯୁକ୍ତ ବ୍ଲକସ୍ତରୀୟ କନିଷ୍ଠ ଶିକ୍ଷକ ସଂଘ ଗଠନ ହେବା ସହ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ସଭାରେ ସଭାରେ ସଂଘର ନାମ ଘୋଷଣା ହେବା ସହିତ ଗଠନ ପ୍ରକ୍ରିୟା ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ବିଶେଷ କରି ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଭଳି ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି । ସଂଘର ନବ ନିର୍ବାଚିତ ସଭାପତି ରୁପେ ସଞ୍ଜିବ କୁମାର କାଣ୍ଡି, ଉପ ସଭାପତି ଯାତ୍ରୀମୟୀ ମିଶ୍ର, ସମ୍ପାଦକ ପୀୟୂଷପ୍ରିୟ ଦଳାଇ, କୋଷାଧ୍ୟକ୍ଷ ଅର୍ବାବ ଅଲ୍ଲୀ ଖାନ୍ ଓ ମୌସୁମୀ ବେହେରା ଶପଥ ପାଠ କରିଥିଲେ ।

# ବାଣୀ ବିଦ୍ୟାମନ୍ଦିର ୧୯ ତମ ବାର୍ଷିକ ଉତ୍ସବ

**ପିପିଲି,୧୨।୧(ସମିସ):** ପିପିଲି ଜଇଶପାଟଣାସ୍ଥିତ ବାଣୀ ବିଦ୍ୟାମନ୍ଦିର ୧୯ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରୀଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ମୁଖ୍ୟବକ୍ତା ପିପିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ନନ୍ଦ, ବକ୍ତା ଓଡ଼ିଶା ହାଇକର୍ଟର ବରିଷ୍ଠ ଆଇଜୀବୀ କବିରାଜ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଗୋବିନ୍ଦପୁର କ୍ଲଷ୍ଟର ସିଆରସିସି ଚିନ୍ତାମଣି ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମାଜସେବୀ ଶୁଭ୍ରଜିତ୍ ଜେନା, ପ୍ରବୀର୍ ହାଲଦା, ବିଜୟକୁମାର ସେଠୀ, ଶିକ୍ଷକ ଜୟପ୍ରକାଶ ପ୍ରଧାନ, ଅଭିମନ୍ୟୁ ଦାସ ଓ ସମିତି ସଭ୍ୟା କବିତା ଖଟାଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ସମ୍ପାଦକ ନିର୍ମଳ ଚନ୍ଦ୍ର ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଭାପତି ଅର୍ଜୁନ ମହାରଣା ଧନ୍ୟବାଦ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ବାଇକ୍ ଦୁର୍ଘଟଣାରେ ୧ ମୃତ; ଜଣେ ଆହତ

ବାଙ୍ଗୁରିଗାଁ,୧୨।୧(ସମିସ): କାକଟପୁର ବ୍ଲକ ଅନ୍ତର୍ଗତ ଇନ୍ଦିରାବଜାର ରାସ୍ତା ବାଲିଦୋକାନ ନିକଟ ସୁଆର ଛକରେ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛି । ମୃତକ ହେଲେ ଚାରିଛକ ବନମାଳୀପୁରର ଡୁଗୁଲି କାଣ୍ଡି (୧୮) ଓ ଆହତ ଜଣଙ୍କ ଜିତୁ ଦାସ (୨୨) । ଆହତ ଯୁବକଙ୍କୁ ପ୍ରାରମ୍ଭିକ ଚିକିତ୍ସା କରାଯାଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ ରବିବାର କିଛି ଯୁବକ ବାଇକ ଯୋଗେ ବୁଲିବାକୁ ଆସିଥିବା ବେଳେ ସୁଆର ଛକଠାରେ ଡୁଗୁଲି ଓ ଜିତୁ ବସିଥିବା ବାଇକ ଭାରସ୍ୟାମ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା । ଘଟଣାସ୍ଥଳରେ କୋଣାର୍କ ପୁଲିସ ପହଞ୍ଚି ତଦନ୍ତ କରିଛି ।

# ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜୟନ୍ତୀ

ଚାରିଛକ,୧୨।୧(ସମିସ): ଚାରିଛକ ନିକଟସ୍ଥ ଓରପଟସ୍ଥିତ ବିବେକାନନ୍ଦ ମେମୋରିଆଲ କ୍ଲବ ପକ୍ଷରୁ ରବିବାର ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜୟନ୍ତୀ ପାଳିତ ହୋଇଯାଇଛି । କ୍ଲବ ପରିସରରେ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଅନୁଷ୍ଠାନର ସଭାପତି ସଂଜୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଏହି ଉତ୍ସôବରେ କ୍ଲବର ଚିତ୍ତରଂଜନ ଜେନା, ପ୍ରଦୀପ କୁମାର ସ୍ୱାଇଁ, ବିକାଶ ଚନ୍ଦ୍ର ଜେନା, ଶରତ ଚନ୍ଦ୍ର ଓଝା, ଅମ୍ବିକା ପ୍ରସାଦ ମହାନ୍ତି, ସିମ୍ପୁଲ ଓଝା, ସୁବ୍ରତ ଭୋଇ, ମନୋରଂଜନ ଜେନା ସମେତ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୪ତମ ବାର୍ଷିକ ଉତ୍ସବ



ନୂଆପଲମ ହାଟ,୧୨।୧(ସମିସ): ନୂଆପଲମ ହାଟ ନିକଟସ୍ଥ ତୁଳସୀପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସମ୍ପାଦକ ଦୁର୍ଗାପ୍ରସାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ସମ୍ମାନିତ ଅତିଥି ନିମାପଡା ବ୍ଲକ ସାଂସଦ ପ୍ରତିନିଧି ପୂର୍ଣଚନ୍ଦ୍ର ଓଝା, ତୁଳସୀପୁର ସମିତି ସଭ୍ୟା ଝରଣା ସାହୁ ,ସରପଞ୍ଚ ମଞ୍ଜୁଶ୍ରୀ ଭୋଇ, ଚାରିଛକ ଥାନା ଅଧିକାରିଣୀ ମମତା ବିଶ୍ୱାଳ, ସମାଜସେବୀ ଅରକ୍ଷିତ ଭୋଇ, ଶିକ୍ଷାବିତ ମମତାମୟୀ ମିଶ୍ର ଯୋଗ ଦେଇଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱିଜବର ମୁଦୁଲି ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧ୍ୟକ୍ଷ ନରେନ୍ଦ୍ର କୁମାର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମନୋଜ କୁମାର ମିଶ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିରାଶ୍ରୟ ସେବାଶ୍ରମର କର୍ମଚାରୀଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷାକେନ୍ଦ୍ରର ଉପାଧ୍ୟକ୍ଷ ନିରଞ୍ଜନ ସେନ, ଶିକ୍ଷକ ମନୋଜ କୁମାର ଦାଶ, କମଳ ଲୋଚନ ବାରିକ, ଅରୁଣ ମହାନ୍ତି, ଦୀପକ ଦାଶ, ଦିଲିପ ତ୍ରିପାଠୀ, ଦିଲିପ ରାଉତ, ଶିକ୍ଷୟତ୍ରୀ ସୁଶ୍ରୀ ନାୟକ, ମୋନାଲିସା କର, ମମତା ଦାଶ, ସିପ୍ରା ଦାସ, ସରସ୍ୱତୀ ପାତ୍ର, କବିତା ତ୍ରିପାଠୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନେ ନୃତ୍ୟ ପରିବେଷଣ କରିଥିଲେ । ବରିଷ୍ଠ ଶିକ୍ଷକ ବନମାଳୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ଯୁବ ଦିବସ ଓ ସଡ଼କ ସୁରକ୍ଷା ସପ୍ତାହ ପାଳିତ

କଣାସ,୧୨।୧(ସମିସ): କଣାସ ଉଚ୍ଚବିଦ୍ୟାଳୟରେ ରବିବାର ଜାତୀୟ ଯୁବ ଦିବସ ଓ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଯୁବ ରେଡକ୍ରସ ତଥା ରେଡରିବନ୍ କ୍ଲବ ତରଫରୁ ବରିଷ୍ଠ ଉପଦେଷ୍ଟା ଇଂରାଜୀ ଅଧ୍ୟାପକ ନିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ବାଲିଘାଇ ଛକ, କଣାସ ବଜାର ପରିକ୍ରମା କରିଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଅଧ୍ୟକ୍ଷ ଡମ୍ବରୁଧର ଛୁଆଳସିଂହ ସଭାତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱାମୀ ବିବେକାନନ୍ଦଙ୍କ ସ୍ମୃତିଚାରଣ କରାଯାଇଥିଲା । ଯୁବକମାନଙ୍କ ପାଇଁ ଏକ ଆର୍ଦଶ ପଥପ୍ରଦର୍ଶକ ହିସାବରେ ବିବେକାନନ୍ଦଙ୍କ ଜୀବନ ଉତ୍ସର୍ଗୀକୃତ ବୋଲି ବ୍ୟକ୍ତିମାନେ ଅଭିଭାଷଣ ରଖିଥିଲେ । ବରିଷ୍ଠ ଅଧ୍ୟାପକ ବୃନ୍ଦାବନ ପାତ୍ର, ପ୍ରମୋଦ କୁମାର ହୋତା, ପ୍ରଫୁଲ କୁମାର ଜେନା, ମହେନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ । ଅଧ୍ୟାପକ ପ୍ରଭାସ ମଙ୍ଗରାଜ ସଭା ପରି.ଳନା କରିଥିଲେ ।

# ବଲଙ୍ଗା ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଓ ଜାତୀୟ ଯୁବ ଦିବସ ପାଳିତ

ବଲଙ୍ଗା,୧୨।୧(ସମିସ):

ବଲଙ୍ଗା ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଅଧ୍ୟାପକ ଅଶୋକ କୁମାର ସୁବୁଦ୍ଧି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅଧ୍ୟାପକ ମିଥୁନ କୁମାର ସଭା ସଂଯୋଜନା କରିଥିଲେ । ସେହିପରି ରେଡ଼କ୍ରସ ପକ୍ଷରୁ ଜାତୀୟ ଯୁବ ଦିବସ ପାଳନ ଅବସରରେ ବିବେକାନନ୍ଦଙ୍କ ଜୀବନୀ ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ବଳଭଦ୍ର ରଥ, ମାନସ ରଞ୍ଜନ ମହାନ୍ତି, ବ୍ରଜବନ୍ଧୁ ପ୍ରଧାନ, ଅଧ୍ୟାପିକା ସୁମିତ୍ରା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଜାତୀୟ ଯୁବ ଦିବସ ଅବସରରେ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ନୀଳକଣ୍ଠ ମିଶ୍ର ସଭା ସଂଯୋଜନା କରିଥିଲେ । ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ, ବକ୍ତୃତା, ସାଧାରଣ ଜ୍ଞାନ ପରୀକ୍ଷା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।

# ବରଗଡ଼ା ଗ୍ରାମରେ ଅଷ୍ଟପ୍ରହରୀ

ନୟାହାଟ,୧୨।୧(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲ ବୋରି ପଞ୍ଚାୟତର ବରଗଡା ଗ୍ରାମରେ ଯାଗେଶ୍ୱରୀ ଠାକୁରାଣୀଙ୍କ ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହରୀ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଠ ମେଳ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲା ବେଳେ ହରିନାମ ଧ୍ୱନୀରେ ଅଞ୍ଚଳ କମ୍ପି ଉଠିଥିଲା । ଈଶ୍ୱରପ୍ରେମୀ ମାନେ ଠାକୁରାଣୀଙ୍କ ଦର୍ଶନ କରିବା ସହିତ ପ୍ରସାଦ ସେବନ କରିଥିଲେ ।




# ୨୯ତମ ନିମାପଡ଼ା କପ୍ କ୍ରିକେଟ, ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିଅନ

ନିମାପଡା,୧୨।୧(ସମିସ):




ସ୍ଥାନୀୟ ବାରବାଟୀ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ୨୯ ତମ ନିମାପଡା କପ୍ ତଥା ପ୍ରଥମ ତାପସ ଦାସ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧାକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ଚାମ୍ପିଅନ ହୋଇଛି । ୩୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରାକେଶ ମହାନ୍ତି ୩୬ ଓ ପ୍ରଶାନ୍ତ ସାହୁ ୩୪ ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ବୋଲର ଆଶୁତୋଷ ନାୟକ ସର୍ବାଧିକ ୫ଟି ୱିକେଟ ଅକ୍ତିଆର କରିଥିଲେ । ଏହାର ଜବାବରେ ରାମେଶ୍ୱର ସ୍ପୋର୍ଟିଂ ବ୍ୟାଟିଂ କରି ୧୬୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ଏମ୍ ଜି ଗୋପାଳ ସର୍ବାଧିକ ୬୩ ରନ୍ ଓ ସିଦ୍ଧାର୍ଥ ବେହେରା ୪୯ ରନ ସଂଗ୍ରହ କରିଥିଲେ । ଆଥିଲେଟିକ ଆସୋସିଏସନର କ୍ରିକେଟ ସଂପାଦକ ଅକ୍ଷୟ ବେହେରାଙ୍କ ସଭାପତିତ୍ୱରେ ଆୟୋଜିର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଆଥିଲେଟିକ ଆସୋସିଏସନର ସଭାପତି ସମୀର ରଂଜନ ଦାଶ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ଶିବାନୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଆଥିଲେଟିକ ଆସୋସିଏସନର ସଂପାଦକ ଜୀବନାନନ୍ଦ ମହାପାତ୍ର, ବାସୁଦେବ ଜୁଏଲାରୀର ମାଲିକ ପୂର୍ଣ୍ଣଚନ୍ଦ୍ର ସାହୁ, ମହେନ୍ଦ୍ର ସିଂ ଭାଟିଆ, ସଦା ସୁମନ ଦାସ, ସଂଜୟ ଦାସ, ଅକ୍ଷୟ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଏମ୍ ଜି ଗୋପାଳ ମ୍ୟାନ ଅଫ ଦି ସିରିଜ ଓ ଆଶୁତୋଷ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ । ଚାମ୍ପିଆନ ରାମେଶ୍ୱର ସ୍ପୋର୍ଟିଂକୁ ଟ୍ରଫି ସହିତ ନଗଦ ୬୦ ହଜାର ଟଙ୍କା ଓ ରନର୍ସଅପ ରେଲୱେ ଖୋର୍ଦ୍ଧା ଦଳକୁ ଟ୍ରଫି ସହିତ ନଗଦ ୩୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି ।

୧୨/୧/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୯,୦୧,୮୬୮/- ସୁନା: ୪୮.୩୦୦ ଗ୍ରାମ୍ ରୁପା: ୬୩.୦୦୦ ଗ୍ରାମ୍



# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନୀ ସ୍ମୃତି ମହୋତ୍ସବ

ପୁରୀ,୧୨।୧(ସମିସ)



ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଜକୁ ଶହେ ତିନି ବର୍ଷ ତଳେ ବିଶ୍ୱର ଅନନ୍ୟ ଆଧ୍ୟାତ୍ମିକ ପୀଠ ଉତ୍କଳର ପୁରୀ ମାଟିରେ ପଦାର୍ପଣ କରିଥିଲେ। ଏହି ପବିତ୍ର ସ୍ମୃତିକୁ ପୁନର୍ଜିବିତ କରିବାକୁ ଉତ୍କଳ ଆଗମନୀ ସ୍ମୃତି ଉତ୍ସବ କମିଟିର ପ୍ରୟାସ ପ୍ରଶଂସନୀୟ ବୋଲି କହିଛନ୍ତି ପ୍ରାକ୍ତନ ଆରଡିସି ଡ. ସୁରେଶ ଚନ୍ଦ୍ର ଦଳାଇ। ରବିବାର ତାଳବଣିଆଠାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନୀ ୧୦୩ ବର୍ଷ ପୂର୍ତ୍ତି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳ ମାଟିରେ ପୁରୁଷୋତ୍ତମଙ୍କର ପଦାର୍ପଣ ସ୍ମୃତିର ପୁଲକ ଆଜି ପ୍ରତ୍ୟେକଙ୍କ ପ୍ରାଣକୁ ଭକ୍ତି ରସାଣିତ କରିଛି ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ଭାବେ ଦେଓଘର ସତ୍‌ସଙ୍ଗର ଡ. ଅକ୍ଷୟ କୁମାର ମିଶ୍ର କର୍ମ କରିବା ଆମର ଅଧିକାର। ଭାଗ୍ୟ ଓ ଫଳ ପ୍ରଭୁଙ୍କୁ ସମର୍ପଣ କରିବା ଉଚିତ। ପ୍ରତ୍ୟେକଙ୍କୁ ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା ପାଇଁ ଇଶ୍ୱର ସୁଯୋଗ ଦେଇଥାନ୍ତି। ଏହାର ଉପଯୋଗ ସମସ୍ତଙ୍କ ଧେୟ ହେଉ ବୋଲି ସେ କହିଥିଲେ। ଉତ୍ସବ କମିଟିର ଯୁଗ୍ମ ସମ୍ପାଦକ ନିରଞ୍ଜନ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ଠାକୁରଙ୍କ ଆଗମନୀର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଡ. ନୃସିଂହ ପ୍ରସାଦ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ସ୍ମୃତି କମିଟି ତରଫରୁ ଆୟୋଜିତ ଏହି ବିଶାଳ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତ୍ୟୁଷରୁ ବେଦ, ମାଙ୍ଗଳିକ, ନହବତ, ଉଷା କୀର୍ତ୍ତନ, ଉଷା ବିନତୀ ପ୍ରାର୍ଥନା ଓ ସଦ୍ ଗ୍ରନ୍ଥାଦି ପାଠ ପରେ ସକାଳ ୭ଟା ୩୦ରେ ଉତ୍ସବର ଉଦ୍‌ଘାଟନୀ ସମାବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ପୁରୀ ଠାକୁରବାଡି ପରିସରରୁ ଷ୍ଟେଶନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ମେଳରେ ରଥାରୂଢ ଶ୍ରୀ ଶ୍ରୀ ଠାକୁର, ଶ୍ରୀ ଶ୍ରୀ ବଡ଼ମା ଓ ପରମ୍ ପୁଜ୍ୟପାଦ ଶ୍ରୀ ଶ୍ରୀ ବଡଦାଙ୍କର ଶ୍ରୀବିଗ୍ରହକୁ ବିଶାଳ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ମଧ୍ୟରେ ପରିକ୍ରମା କରାଯାଇଥିଲା। ତାଳବଣୀଆ ପଡ଼ିଆରେ ୩ଗୋଟି ପେଣ୍ଡାଲ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତନ୍ମଧ୍ୟରୁ ପ୍ରଥମଟି ପ୍ରଣାମ ମଣ୍ଡପ କରାଯାଇ ସେଥିରେ ଭଜନ କୀର୍ତ୍ତନ ଆଦି କରାଯାଇ ଅପରାହ୍ନ ୩ଯାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପେଣ୍ଡାଲରେ କିଶୋର ଚକ୍ର, ଯୁବ ସମ୍ମିଳନୀ, ଚିକିତ୍ସକ ସମ୍ମିଳନୀ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସାଧାରଣ ସଭାରେ ମୁଖ୍ୟଅତିଥି ଭାବରେ କୃଷି ବିଭାଗର ପ୍ରମୁଖ ସଚିବ ତଥା ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଯୋଗଦେଇ ଶ୍ରୀ ଶ୍ରୀ ଠାକୁରଙ୍କ ଭାବାଦର୍ଶ ସହ ବିଜ୍ଞାନର ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ହୃଷିକେଶ ସେନାପତି, ହିମାଚଳ ପ୍ରଦେଶ ସୋଲାନର ପୂର୍ବତନ ଜିଲ୍ଲାପାଳ କେ. ସ. ଚମନ, ଇଂ ରଞ୍ଜିତ କୁମାର ମୁଦୁଲି, କ୍ଷିତିଶ ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ସଭାକୁ ଡା. ବିନାୟକ ମହାପାତ୍ର ପରିଚାଳନା କରିଥିଲେ। ସନ୍ଧ୍ୟା ସମୟରେ ଠାକୁର ବାଡି ପରିସରରେ ଶ୍ରୀଧର ସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇ ଉତ୍ସବ ଉଦ୍‌ଯାପିତ ହୋଇଥିଲା।

## ଦୁଧ ମେଲାଣ ନୀତି ସମ୍ପନ୍ନ



ପୁରୀ,୧୨।୧(ସମିସ): ମକର ସଂକ୍ରାନ୍ତି ପୂର୍ବ ଦିନକୁ ନବାଙ୍କ କୁହାଯାଏ। ନବାଙ୍କ ପୂର୍ବଦିନ ମହାପ୍ରଭୁଙ୍କ ଦୁଧ ମେଲାଣ ନୀତି ଅନୁଷ୍ଠିତ ହେବାର ବିଧି ରହିଛି। ତେଣୁ ରବିବାର ମହାପ୍ରଭୁଙ୍କ ଦୁଧ ମେଲାଣ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ସରିବା ପରେ ରାମକୃଷ୍ଣ ଆଜ୍ଞାମାଳପ୍ରାପ୍ତ ହୋଇ ଘଣ୍ଟ, ଛତା ଓ କାହାଳୀ ପଟୁଆରରେ ପାଲିଙ୍କିରେ ଶ୍ରୀଜଗନ୍ନାଥ ମଠ ସମ୍ମୁଖରେ ବିଜେ ହୋଇଥିଲେ। ତାଙ୍କ ସହିତ ଲେଙ୍କା, ଆସ୍ଥାନ ପଢିଆରୀ, ମହାଭୋଇ ପୂଜାପଣ୍ଡା ସାମନ୍ତ, ମହାଜନ, ଭିତରଚ୍ଛ ସେବକ ଆସିଥିଲେ। ମହାଭୋଇ ସେବକ ମଠ ସମ୍ମୁଖରେ ବନ୍ଧା ଯାଇଥିବା ଗାଈକୁ ରୂପା ପିଙ୍ଗଣରେ ଦୁହିଁଥିଲେ। ଏହି କ୍ଷୀରକୁ ଦୁଇଭାଗ କରାଯାଇଥିଲା। ଗୋଟିଏ ଭାଗରେ ଲେଙ୍କା କର୍ପୁର ପକାଇ ଅମୁଣିଆ ପ୍ରସାଦ ପ୍ରସ୍ତୁତ କରି ଭିତରଚ୍ଛଙ୍କୁ ପ୍ରଦାନ କରିଥିଲେ। ଏହାପରେ ଭିତରଚ୍ଛ ଠାକୁରଙ୍କୁ କ୍ଷୀର ମଣୋହୀ କରିଥିଲେ। ଆଉ ଗୋଟିଏ ଭାଗ କ୍ଷୀରକୁ ମହାଭୋଇ ସେବକ ମାଟି ଗଡୁରେ ଶିକାରେ ବସାଇ ଶ୍ରୀମନ୍ଦିରକୁ ନେଇଥିଲେ। ଏହାପରେ ପୂଜାପଣ୍ଡା ସାମନ୍ତ ମଠ ଆସ୍ଥାନରେ ପନ୍ତି ସମ୍ପନ୍ନ କରିଥିଲେ। ଗଡୁରେ ଯାଇଥିବା କ୍ଷୀରରେ ଦହି ପ୍ରସ୍ତୁତ ହୋଇ ମକର ସଂକ୍ରାନ୍ତି ନୀତିରେ ଲାଗି ହେବ।

## ‘ଓଡ଼ିଶା ପ୍ରଗତିରେ ଯୁବଶକ୍ତିର ଭୂମିକା’

ପୁରୀ,୧୨।୧(ସମିସ): ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ରବିବାର ଦି ମିରର୍ ଅନୁଷ୍ଠାନ ଆୟୋଜିତ ୪୧ତମ ଜାତୀୟ ଯୁବ ଦିବସ କଳିଙ୍ଗ ସ୍ମାର୍ଟ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଯୁବ ଦିବସ ଉପଲକ୍ଷେ ‘ଓଡିଶା ପ୍ରଗତିରେ ଯୁବଶକ୍ତି ଭୂମିକା’ ବିଷୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ସଦ୍‌ଭାବନା ମଞ୍ଚ, ଦି ବେଲ୍, ନେହେରୁ ଯୁବ କେନ୍ଦ୍ର ଓ ବିବେକାନନ୍ଦ ଯୁବଶକ୍ତିର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ କରାଯାଥିଲା। ଦି ମିର୍‌ରର ସଭାପତି ସଞ୍ଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିବେକାନନ୍ଦ ଯୁବଶକ୍ତିର ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି, ଦି ବେଲ୍‌ର ଅଧ୍ୟକ୍ଷ ସିର୍ଦ୍ଧାଥ ରାୟ ଓ ସାଇବର କ୍ରାଇମ୍‌ବ୍ରାଞ୍ଚର ଜ୍ଞାନେନ୍ଦ୍ର ମହାନ୍ତି ଯୋଗଦେଇ କହିଥିଲେ ଯେ, ଆଜିକାଲି ଯୁବଗୋଷ୍ଠୀ ମୋବାଇଲରେ ଫେସ୍‌ବୁକ, ଇନ୍‌ଷ୍ଟଗ୍ରାମ, ହ୍ୱାଟ୍ସଆପ୍‌ରେ



ଅଧିକ ସମୟ ଦେଇ ନିଜ କ୍ୟାରିୟରକୁ ନଷ୍ଟ କରୁଛନ୍ତି। ଏଭଳି ମାନସିକତାରୁ ସେମାନେ ଦୂରେଇ ରହିବା ଦରକାର। ନିଜ ଭବିଷ୍ୟତ ଗଢି ବାପା, ମା’ଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଯୁବବର୍ଗ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ସନ୍ଧ୍ୟାରାଣୀ ବାରିକ ଓ ବିପିନ ଭୋଇ ପରିଚାଳନା କରିଥିଲେ।

● ପୁରୀରେ ହେବ ୟୁନିଭର୍ସଲ ଲିଜେଣ୍ଡ କ୍ଲାସିକ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

## ଏଲ୍‌ଏମ୍‌ଏଫ୍ ଓ ପିଏବିବିଏ ପକ୍ଷରୁ ଇଭେଣ୍ଟ କ୍ୟାଲେଣ୍ଡର ଉନ୍ମୋଚିତ



ପୁରୀ,୧୨।୧(ସମିସ)

ଲିଜେଣ୍ଡ ମସର୍ଲସ ଫାକ୍ଟୋରୀ (ଏଲ୍‌ଏମ୍‌ଏଫ୍) ଓ ପୁରୀ ଆମେଚର ବଡି ବିଲ୍ଡିଂ ଆସୋସିଏଶନ (ପିଏବିବିଏ) ପକ୍ଷରୁ ରବିବାର ଚଳିତବର୍ଷର ଇଭେଣ୍ଟ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଛି। ଏ ବର୍ଷ ମୋଟ ୧୯ଟି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଥିମଧ୍ୟରୁ ୬ଟି ଅନ୍ତର୍ଜାତୀୟ (ବ୍ୟାଙ୍ଗକ, ଫ୍ରାନ୍ସ, ଜାପାନ, ମାଲେସିଆ, ଭାରତର ମୁମ୍ବାଇ ଏବଂ ଚଣ୍ଡୀଗଡ଼) ପ୍ରତିଯୋଗିତା ସହ ୩ଟି ଜାତୀୟ ପ୍ରତିଯୋଗିତା ଓ ୧୦ଟି ଇଣ୍ଟର ଡିଷ୍ଟ୍ରିକ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗତ ଜାନୁଆରୀ ୩ ଓ ୪ ତାରିଖରେ କୋଲକାତାରେ ଆଜାଦ ହିନ୍ଦ୍ କପ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ଜାନୁଆରୀ ୧୯ ତାରିଖରେ ବଲାଙ୍ଗୀର ଠାରେ କଳିଙ୍ଗ କିଙ୍ଗ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ଫେବୃଆରୀ ୮ ଓ ୯ତାରିଖ ଦୁଇଦିନ ଧରି ଶ୍ରୀକ୍ଷେତ୍ରର ପବିତ୍ର ମାଟିରେ ୟୁନିଭର୍ସଲ ଲିଜେଣ୍ଡ କ୍ଲାସିକ ୨୦୨୫ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡିଶା ସମେତ ୨୫ଟି ରାଜ୍ୟର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀ ଭାଗ ନେବା ସହ ବିଭିନ୍ନ ରାଜ୍ୟ ତଥା ରାଜ୍ୟ ବାହାରୁ ୧୦୦ରୁ ଉର୍ଦ୍ଧ୍ୱ ଅଫିସିଆଲ ଯୋଗଦେବେ। ଚଳିତବର୍ଷ ଏଥିରେ କିଛି ମନୋରଞ୍ଜନ କାର୍ଯ୍ୟକ୍ରମ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାକୁ ଭବ୍ୟ ଭାବରେ କରାଯିବାକୁ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏ ନେଇ ଅନୁଷ୍ଠାନର ମୁଖ୍ୟ ତଥା ୱାର୍ଲଡ ଫିଟ୍‌ନେସ ଫେଡେରେଶନ ଓଡ଼ିଶାର ସଭାପତି ରଞ୍ଜନ ମହାନ୍ତି ରବିବାର ଚକ୍ରତୀର୍ଥ ରୋଡସ୍ଥିତ ଏକ ହୋଟେଲରେ ଆୟୋଜିତ ସମ୍ମିଳନୀ କକ୍ଷରେ ଇଭେଣ୍ଟ କ୍ୟାଲେଣ୍ଡର ସମ୍ପର୍କରେ ସୂଚନା ଦେଇଥିଲେ। ତେବେ ପ୍ରଥମଥର ପାଇଁ ଚଳିତବର୍ଷ ଭୁବନେଶ୍ୱରରେ ନଭେମ୍ବର ୧୪ଠ ୧୫ ଓ ୧୬ ତାରିଖ ତିନିଦିନ ଧରି ଲିଜେଣ୍ଡ ଏକ୍ସପୋ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯିବ ବୋଲି ସଭାପତି ଶ୍ରୀ ମହାନ୍ତି ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ସଞ୍ଜୀବ ରଥଶର୍ମା, ସାଧାରଣ ସମ୍ପାଦକ ସନ୍ତୋଷ ଆଡିହ, ସଦସ୍ୟ ଶିଶିର ମିଶ୍ର, ଭବାନୀ ଶଙ୍କର, ଦେବ ସିଂ ଦେବ, ରୂପକ ଭକ୍ତ, ସୁଜିତ ବଡ଼ତ୍ୟା, ସ୍ୱାଧୀନ ଷଡ଼ଙ୍ଗୀ, ବିକ୍ରମ କୁଅଁର, ବିଧାନ ଦାସ,ଭବାନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ୍

ପୁରୀ,୧୨।୧(ସମିସ): ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ଫଟୋ। ଗୌରବ କୁମାର ସାହୁ ନାମକ ଜଣେ ଯୁବକ ମନ୍ଦିର ଭିତରେ ଫଟୋ ଉଠାଇ ଏହାକୁ ଭାଇରାଲ କରିଛନ୍ତି। ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି।

ଶ୍ରୀମନ୍ଦିର ଭିତରେ ଫଟୋ, ଭିଡ଼ିଓ ଉଠାଇବା ଉପରେ କଟକଣା ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହି କଟକଣା ଲଗାଯାଇଥିଲେ ହେଁ ବିଭିନ୍ନ ସମୟରେ ଏଥିରେ ବ୍ୟତିକ୍ରମ ଘଟୁଛି। ବାହାରେ ବୁଲୁଛି ଶ୍ରୀମନ୍ଦିର ଭିତର ଫଟୋ। ଗୌରବ କୁମାର ସାହୁ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଏହି ଫଟୋ ଶ୍ରୀମନ୍ଦିର ଭିତର ବେଢାରୁ ଉଠାଇଛନ୍ତି। ଏହି ଫଟୋରେ କୀର୍ତ୍ତନ ଚକଡ଼ା, ଘଣ୍ଟି ଦ୍ୱାର ଆଦି ସ୍ପଷ୍ଟ ଭାବେ ରହିଛି। ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେବା ଉପରେ କଟକଣା ଥିବା ବେଳେ କିପରି ଏହି ଫଟୋ ଉଠିଲା ତାହାର ତଦନ୍ତ ପାଇଁ ଦାବି ହୋଇଛି।

ନିକଟରେ ରାଜା ଶେଖର ନାମକ ଜଣେ ଯୁବକ ମନ୍ଦିର ଭିତରେ ନିଜର ସେଲ୍‌ଫି ଉଠାଇ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଅପ୍‌ଲୋଡ କରିଥିଲେ। ତାଙ୍କ ପୂର୍ବରୁ ନିଖିଳ ଗିରି ନାମକ ଜଣେ ଯୁବକ ଶ୍ରୀମନ୍ଦିର ଭିତର ଫଟୋ ଉଠାଇ ନିଜ ସୋସିଆଲ ମିଡ଼ିଆ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଅପ୍‌ଲୋଡ୍ କରିଥିଲେ। ଆନନ୍ଦ ବଜାରର ପ୍ରବେଶ ପଥରେ ଏହା ଉଠାଯାଇଥିବା ବେଳେ ସେଥିରେ ଶ୍ରୀମନ୍ଦିରର ସମ୍ପୂର୍ଣ୍ଣ ଫଟୋ ରହିଥିଲା। ଏହି ଘଟଣାକୁ ପୁଲିସ ଗୁରୁତର ସହ ନେଇଥିବା ବେଳେ ନିଖିଳଙ୍କୁ ଚିହ୍ନଟ କରି ବ୍ୟକ୍ତିଗତ ହାଜର ପାଇଁ ନିର୍ଦ୍ଦେଶ ଦେଇଥିଲା। ସେହିପରି ନିକଟରେ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡାଯାଇଥିଲା। ଏ ପର୍ଯ୍ୟନ୍ତ ପୁଲିସ କିଏ ଡ୍ରୋନ ଉଡାଇଲା ତାହାର ସୁରାକ୍ ପାଇପାରି ନ ଥିବାବେଳେ ପୁଣି ଭିତର ଫଟୋ ଭାଇରାଲ ହୋଇଛି।

■ ରେବଣା ନୂଆଗାଁ ଉଚ୍ଚ ବିଦ୍ୟାଳୟ

## ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ପୁରୀ,୧୨।୧(ସମିସ): ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ରେବଣା ନୂଆଗାଁ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପୁରାତନ ଛାତ୍ର ସଂସଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ସମାରୋହର ରବିବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ ଯୋଗଦେଇ ଉନ୍ନତ ମାନର ଶିକ୍ଷା ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ରେବଣା ନୂଆଗାଁ ପଞ୍ଚାୟତ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଜଗଦେବ, ବିଦ୍ୟାଳୟର ସଭାପତି ରମେଶ ଚନ୍ଦ୍ର ମିଶ୍ର ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ତରଫରୁ ଅତିଥିଙ୍କ ପାଖରେ ବିଦ୍ୟାଳୟର ଉନ୍ନତି ପାଇଁ ଉନ୍ନତ ମାନର ପାଠାଗାର, ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା, ଛାତ୍ରଛାତ୍ରୀମାନଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ, ଇ ଲାଇବ୍ରେରୀ ନିର୍ମାଣ ନିମନ୍ତେ ଅନୁରୋଧ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଗଞ୍ଜେଇ ଚାଲାଣ କରି ୨ ଗିରଫ

ପୁରୀ,୧୨।୧(ସମିସ): ରେଳଷ୍ଟେସନରେ ଗଞ୍ଜେଇ ଚାଲାଣ ବେଳେ ଆରପିଏଫ୍ ଦ୍ୱାରା ଦୁଇ ଜଣ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବିହାର ପାଟଣାର ଛୋଟୁ କୁମାର (୧୯) ଓ ବିହାର ଭୋଜପୁର ବୋଟାସିର ବିକୁ କୁମାର (୨୦)। ରବିବାର ଅଭିଯୁକ୍ତ ମାନେ ନୀଳାଚଳ ଏକ୍ସପ୍ରେସରେ ଗଞ୍ଜେଇ ନେଇ ଆସୁଥିଲେ। ରେଳବାଇ ପୁଲିସ ଓ ଆରପିଏଫ୍ ପକ୍ଷରୁ ପାଟ୍ରୋଲିଙ୍ଗ କରୁଥିବା ବେଳେ ସନ୍ଦେହଜନକ ଅବସ୍ଥାରେ ଅଭିଯୁକ୍ତଙ୍କ ବ୍ୟାଗ ଯାଞ୍ଚ କରିଥିଲେ। ଅଭିଯୁକ୍ତମାନଙ୍କଠାରୁ ୧୧.୩୦୦ କେଜି ଗଞ୍ଜେଇ ଜବତ ହୋଇଛି। ପୁଲିସ ୧୨/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଅଷ୍ଟାଦଶ ସୁଦର୍ଶନ ମହାନ୍ତି ଚେସ୍ ଉଦ୍‌ଯାପିତ

ପୁରୀ,୧୨।୧(ସମିସ): ସର୍ବଭାରତୀୟ ସ୍ତରରେ ଚେସ୍ ଖେଳାଳି ସୃଷ୍ଟି କରିବାରେ ପୁରୀ ଚେସ୍ ଆସୋସିଏଶନ ଓ ସୁଦର୍ଶନ ମହାନ୍ତି ଚେସ୍ ସ୍ମାରକୀ ନିଖିଳ ଉତ୍କଳ ଚେସ୍ ଚାମ୍ପିୟନଶିପ୍‌ର ଅବଦାନ ଉଲ୍ଲେଖନୀୟ ବୋଲି କହିଛନ୍ତି ରୋଟାରୀ କ୍ଲବର ସଭାପତି କୃଷ୍ଣଚନ୍ଦ୍ର ପାତ୍ର। ସ୍ଥାନୀୟ ଭୋଳାନାଥ ବିଦ୍ୟାପୀଠ ସମ୍ମିଳନୀ କକ୍ଷରେ ଆୟୋଜିତ ଚେସ୍ ପ୍ରତିଯୋଗିତାର ଉଦଯାପନୀରେ ଯୋଗଦେଇ ଶ୍ରୀ ପାତ୍ର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଡ. ଶ୍ରୀନିବାସ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଡ. ବିମଳ ପ୍ରସାଦ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ଭାରତୀ ସମ୍ପାଦକ ରଘୁନାଥ ସାହୁ, ପ୍ରାକ୍ତନ କ୍ରୀଡା ଅଧିକାରୀ ରବିନ୍ଦ୍ର ନାଥ ସେନାପତି, ସର୍ବଭାରତୀୟ ଚେସ୍ ଖେଳାଳୀ ମନୋଜ ପାଣିଗ୍ରାହୀ, ପ୍ରାକ୍ତନ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ କ୍ରୀଡାବିତ୍ ବଦ୍ରି ମିଶ୍ର ଯୋଗଦାନ କରିଥିଲେ। ଦେବାଶିଷ ପାଣିଗ୍ରାହୀ, ଶ୍ୟାମଳ କୁଣ୍ଡୁ ଓ କମଳ ପ୍ରସାଦ ମହାନ୍ତି ଚେସ୍ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ବିଶିଷ୍ଟ ଚେସ୍ ଖେଳାଳୀ ବୀରକିଶୋର ବେହେରାଙ୍କୁ ଶ୍ରେଷ୍ଠ ଖେଳାଳୀ ଓ ବିଶିଷ୍ଟ ମହିଳା ଖେଳାଳୀ ଆରାଧ ସରାଫ୍‌ଙ୍କ ସମେତ କୃତୀ ଖେଳାଳୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ବୀରକିଶୋର ଶ୍ରେଷ୍ଠ ଖେଳାଳି**

## ଜାତୀୟ ଯୁବ ଦିବସ ପାଳିତ

ପୁରୀ,୧୨।୧(ସମିସ): ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନ ତଥା ଜାତୀୟ ଯୁବ ଦିବସ ସମୁଦ୍ରକୂଳ ଦିଗବାରିଣୀଠାରେ ଥିବା ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଭାରତ ବିକାଶ ପରିଷଦ ତରଫରୁ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଶରତ ଚନ୍ଦ୍ର ବେହେରା ସ୍ୱାମିଜୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଯୁବପିଢୀଙ୍କୁ ଏକ ସୁସ୍ଥ ସମୃଦ୍ଧ ବିକଶିତ ଭାରତ ବର୍ଷ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ବିପଥ ଗାମୀ ହେଉଥିବା ଯୁବ ସମାଜକୁ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଭାରତ ବିକାଶ ପରିଷଦର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି ସ୍ୱାମୀଜୀଙ୍କ ଦର୍ଶନ ତଥା ଆଦର୍ଶରେ ପ୍ରତିଷ୍ଠିତ ଭାରତ ବିକାଶ ପରିଷଦର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପ୍ରାତଃ ସମୟରେ ପରିଷଦ ତରଫରୁ ସମୁଦ୍ରକୂଳ ସଫେଇ କରାଯାଇଥିଲା। ଏଥିରେ ବେଦ କର୍ମକାଣ୍ଡ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱଦେଶୀ ଜାଗରଣ ମଞ୍ଚ ଏବଂ ଅନ୍ୟାନ୍ୟ ସଙ୍ଗଠନ ସାମିଲ ହୋଇଥିଲେ। ଭାରତ ବିକାଶ ତରଫରୁ ଉପାଧ୍ୟକ୍ଷ ବୁଦ୍ଧଦେବ ମହାପାତ୍ର, କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ, ପଦ୍ମଲାଭ ପଣ୍ଡା, ସୁପ୍ରୀତି ରଥ, ମୀରା ମହାରଣା, କିଶୋର ପାତ୍ର, କିଶୋର ପଟ୍ଟନାୟକ, ପିତାମ୍ବର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପ୍ରାନ୍ତୀୟ ସଚିବ ସୌମେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀକ୍ଷେତ୍ର ପୁସ୍ତକମେଳା ଉଦ୍‌ଯାପିତ



ପୁରୀ,୧୨।୧(ସମିସ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟିର ମିଳିତ ସହଯୋଗରେ ଶରଧାବାଲିଠାରେ ଦଶଦିନ ଧରି ଚାଲିଥିବା ୨୯ ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। କମିଟି ସଭାପତି କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅନ୍ତିମ ସନ୍ଧ୍ୟା କାର୍ଯ୍ୟକ୍ରମରେ ସମ୍ପାଦକ ଚକ୍ରଧର ମହାପାତ୍ର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯିବା ସହିତ ଗବେଷଣା କ୍ଷେତ୍ରରେ ଡ. ସୁରେନ୍ଦ୍ର କୁମାର ମିଶ୍ର, ସାହିତ୍ୟ କ୍ଷେତ୍ରରେ ଶଙ୍କର ତ୍ରିପାଠୀ ଓ ପ୍ରକାଶନ କ୍ଷେତ୍ରରେ ବିଜୟିନି ପବ୍ଲିକେଶନଙ୍କୁ ପୁସ୍ତକ ମେଳା ସମ୍ମାନ ଏବଂ ପ୍ରାବନ୍ଧିକ ଅଧ୍ୟାପକ ମୃତ୍ୟୁଞ୍ଜୟ ରଥଙ୍କୁ ସୁନୀଲ ରଥ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ଭାଷାଜ୍ଞାନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଓଡ଼ିଶା ସଙ୍ଗୀତ ପରିଷଦ ପକ୍ଷରୁ ସମବେତ କଣ୍ଠରେ ‘ସରସ୍ୱତୀ ବନ୍ଦନା’ ପରିବେଷଣ କରାଯାଇଥିଲା। ଜ୍ୟୋତିର୍ବିଦ୍ ଅନାମ ଚନ୍ଦ୍ର ସାହୁଙ୍କ ‘ଜ୍ୟୋତିଷ ଶାସ୍ତ୍ର ଓ ସୂଚନା ଭିତ୍ତିକ ବାର୍ତ୍ତା’ ଉନ୍ମୋଚିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କମିଟିର କାର୍ଯ୍ୟକାରୀ ସଭାପତି ଅନାମ ଚନ୍ଦ୍ର ସାହୁ, ଉପ ସଭାପତି ରାଜକିଶୋର ମିଶ୍ର, ଜଟାଧାରୀ ମିଶ୍ର, ସଙ୍ଗଠନ ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ଉପଦେଷ୍ଟା ବଦ୍ରି ମିଶ୍ର, ପୁଷ୍କର ମହାପାତ୍ର, ସୁକାନ୍ତ ପଣ୍ଡା, ବିପିନ ବିହାରୀ ଦଳାଇ, ଶ୍ରୀକାନ୍ତ ମହାନ୍ତି, ବୀରେନ୍ଦ୍ର ମହାନ୍ତି, ମୀନତି ପଟ୍ଟନାୟକ, ସ୍ୱାଧୀନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୁରୀରୁ ଅଯୋଧ୍ୟା ଗଡ଼ିଲା ବସ୍

ପୁରୀ,୧୨।୧(ସମିସ)



ମହାକୁମ୍ଭ ମେଳା ଅବସରରେ ଓଡିଶାର ୪ଟି ସ୍ଥାନରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ୪ଟି ଅତ୍ୟାଧୁନିକ ବସ୍ ସେବାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡିଶା ରାଜ୍ୟ ପରିବହନ ନିଗମର ଏହି ଅତ୍ୟାଧୁନିକ ପ୍ରିମିୟମ ବସ୍ ପୁରୀ, ସମ୍ବଲପୁର, ଭବାନୀପାଟଣା ଏବଂ ବ୍ରହ୍ମପୁରରୁ ବାହାରି ବାରଣାସୀ ଓ ପ୍ରୟାଗରାଜ ଦେଇ ଅଯୋଧ୍ୟା ପର୍ଯ୍ୟନ୍ତ ଚଳାଚଳ କରିବ। ରବିବାର ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭର୍ଚୁଆଲ ମୋଡ୍‌ରେ ପତାକା ଦେଖାଇ ଏହି ବସ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ତେବେ ପୁରୀ ପାଇଁ ମାଳତୀପାଟପୁରରେ ଆୟୋଜିତ ହୋଇଥିଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଏଠାରେ ସାଂସଦ ଡ. ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ ପ୍ରମୁଖ ସବୁଜ ପତାକା ଦେଖାଇ ବସ୍ ଚଳାଚଳର ଶୁଭାରମ୍ଭ କରିଥିଲେ।

ପୁରୀରୁ ପ୍ରଥମ ଦିନରେ ୧୩ ଜଣ ଯାତ୍ରା କରିଥିଲେ। ଆର୍‌ଟିଓ ରବିନ ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ପୁରୀରୁ ରବିବାର ଗୋଟିଏ ବସ୍ ଯାତ୍ରା କରିଥିବା ବେଳେ ସୋମବାର ଆଉ ଗୋଟିଏ ବସ୍ ଯାତ୍ରା କରିବ। ଏଥିରେ ପୁରୁଷଙ୍କ ପାଇଁ ଟିକେଟ ମୂଲ୍ୟ ୭,୧୮୦ (ଯିବା, ଆସିବା ଓ ଖାଇବା) ରହିଥିବା ବେଳେ ମହିଳାଙ୍କ ପାଇଁ ଟିକେଟ୍ ମୂଲ୍ୟ ଅଧା ରଖାଯାଇଛି। କେବଳ ଟିକେଟ ମୂଲ୍ୟ ୫,୨୨୪ ଟଙ୍କା ଥିବାରୁ ମହିଳାଙ୍କୁ ୨,୬୧୨ ଟଙ୍କା ଟିକେଟ୍ ମୂଲ୍ୟ ଏବଂ ଖାଇବା ୧୯୫୬ ଏହିପରି ମୋଟ ୪,୫୬୮ ଟଙ୍କା ଦେବାକୁ ପଡିବ। ରବିବାର ଅର୍ଥାତ୍ ୧୨ ତାରିଖରେ ଯେଉଁ ଗାଡି ଗଲା ତାହା ପୁନଶ୍ଚ ପୁରୀରେ ଆସନ୍ତା ୧୬ ତାରିଖରେ ପହଞ୍ଚିବ। ସେହିପରି ୧୩ ତାରିଖରେ ଯେଉଁ ଗାଡି ଯିବ ତାହା ୧୭ ତାରିଖରେ ପୁରୀରେ ପହଞ୍ଚିବ। ଏହିପରି ୨ଟି ଗାଡି ଚଳାଚଳ କରିବ। ଏହି ଗାଡି ଭୁବନେଶ୍ୱର ଭୁବନେଶ୍ୱର, କଟକ, ବାରିପଦା, ଜାମସେଦପୁର, ରାଞ୍ଚି, ଔରଙ୍ଗାବାଦ, ବାରଣାସୀ, ପ୍ରୟାଗରାଜ ଦେଇ ଅଯୋଧ୍ୟାରେ ପହଞ୍ଚିବ ବୋଲି ଆର୍‌ଟିଓ ଶ୍ରୀ ପଟ୍ଟନାୟକ କହିଛନ୍ତି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, କୁମ୍ଭମେଳା ଅବସରରେ ଏହି ବସ୍ ସେବା ଆରମ୍ଭ କରାଯାଇଛି। ଏଥିରେ ପ୍ରୟାଗରାଜ ସମତେ ବାରଣାସୀ, ଅଯୋଧ୍ୟା ଯାଇପାରିବେ।

ଦୁଇଟି ଆଧ୍ୟାତ୍ମିକ ପୀଠ (ପୁରୀ ଓ ଅଯୋଧ୍ୟା) ମଧ୍ୟରେ ଏହା ସେତୁ ଭଳି କାମ କରିବ। ଏହା ଏହା ଏକ ଭଲ ପଦକ୍ଷେପ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଆର୍‌ଟିଓ ରବିନ ପଟ୍ଟନାୟକ, ଓଏସ୍‌ଆରଟିସିର ଜିଲ୍ଲା ପରିଚାଳକ ରଶ୍ମି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

● ନୟାଗଡ଼ ପୌର ପରିଷଦରେ ବହିଛପା ଦୁର୍ନୀତି

# ୩ ହଜାର ଛାପି ୮ ୯୦୦ ବହିର ବିଲ୍

ନୟାଗଡ଼, ୧୨।୧(ସମିସ):

ନୟାଗଡ଼ ପୌର ପରିଷଦରେ ପୁଣିଥରେ ଦୁର୍ନୀତିର ଗନ୍ଧ ଆସିଛି। ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ପୌର ପରିଷଦ ପକ୍ଷରୁ ୩ ହଜାର ପୁସ୍ତକ ଛାପି ୮ ହଜାର ୯ ଶହ ପୁସ୍ତକର ବିଲ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ବିଭିନ୍ନ ଜନହିତକର ଯୋଜନାର ପୁସ୍ତିକା ଛାପି ପ୍ରତ୍ୟେକ ପରିବାରକୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୌରାଞ୍ଚଳରେ ବସବାସ କରୁଥିବା ସମସ୍ତ ପରିବାର ପାଇଁ ୮ ହଜାର ୯ ଶହ ପୁସ୍ତିକା ଛାପିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ନୟାଗଡ଼ ସହରର ଏକ ଛାପାଖାନା ଏହି ଟେଣ୍ଡର ପାଇଥିଲା। ପୁସ୍ତକ ଛପା ବାବଦରେ ଖଣ୍ଡ ପ୍ରତି ୩୦୦ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଉକ୍ତ ଛାପାଖାନା ତାକୁ ୨୦୦ ଟଙ୍କାରେ ଯୋଗାଇ ଦେବାକୁ ପୌର ପରିଷଦ ସହ ଚୁକ୍ତି କରିଥିଲା। ଉକ୍ତ ଛାପାଖାନାକୁ ପୌର ପରିଷଦ ପକ୍ଷରୁ ୱାର୍କଅର୍ଡର ମିଳିବା ପରେ ସେ ପୁସ୍ତକ ଛାପିବା ଆରମ୍ଭ କରିଥିଲା। ତେବେ ପୌର ପରିଷଦ ପକ୍ଷରୁ ଉକ୍ତ ଛାପାଖାନାକୁ ମୌଖିକ ଭାବେ କମ ପୁସ୍ତକ ଛାପିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ଉକ୍ତ ଛାପାଖାନା ୮ ହଜାର ୯ ଶହ ପରିବର୍ତ୍ତେ ୩ ହଜାର ପୁସ୍ତକ ଛାପି ପୌର ପରିଷଦକୁ ଯୋଗାଇ ଦେଇଥିଲା। ପୌର ପରିଷଦର ଜଣେ କର୍ମଚାରୀ ମଧ୍ୟସ୍ଥି ସାଜି କାର୍ଯ୍ୟାଦେଶ ଅନୁସାରେ ୮ ହଜାର ୯ ଶହ ପୁସ୍ତକର ବିଲ୍ ଦେବାକୁ ଛାପାଖାନା ମାଲିକଙ୍କୁ ପ୍ରବର୍ତ୍ତାଇଥିଲେ। ଛାପାଖାନା ମାଲିକ ସେହି ଅନୁସାରେ ବିଲ୍ ପୈଠ କରିବା ପରେ ପୌର ପରିଷଦ ପକ୍ଷରୁ ପୁସ୍ତକ ଛପା ବାବଦ ୧୦ ଲକ୍ଷ ୭୦ ହଜାର ଟଙ୍କା ପୈଠ କରିଛି। ଦେଖିବାକୁ ଗଲେ ଛାପାଖାନା ମାଲିକ ୩ ହଜାର ପୁସ୍ତକ ବାବଦ ୬ ଲକ୍ଷ ଟଙ୍କା ପାଇବାକୁ

### ■ ଛାପାଖାନା ଫେରାଉନି କମିଶନୀ ଟଙ୍କା

ହକଦାର ଥିବା ବେଳେ ତାଙ୍କୁ ୧୦ ଲକ୍ଷ ୭୦ ହଜାର ଟଙ୍କା ପୈଠ କରାଯାଇଛି। ବଳକା ୪ ଲକ୍ଷ ୭୦ ହଜାର ଟଙ୍କାରୁ ୧୮ ପ୍ରତିଶତ ଜିଏସଟିକୁ ବାଦ ଦେଇ ବଳକା ଅର୍ଥ ପୌର କାର୍ଯ୍ୟାଳୟର ନିର୍ଦ୍ଦିଷ୍ଟ କର୍ମଚାରୀ କ୍ୟାସ୍ ଆକାରରେ ନେବାକୁ ସର୍ତ୍ତ ରଖିଥିଲେ। ଏହି ସର୍ତ୍ତରେ ଛାପାଖାନା ମାଲିକ ରାଜି ହୋଇଥିବା ବେଳେ ଏବେ ଟଙ୍କା ଫେରାଉ ନ ଥିବାରୁ ପୌର ଅଧିକାରୀ ଓ ମଧ୍ୟସ୍ଥି ସାଜିଥିବା କର୍ମଚାରୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ମଝିରେ ମଝିରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଗାଏବ କରିବା ଷ?ଯନ୍ତ୍ର ରଚିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଛାପାଖାନା ମାଲିକ ପାଣି ପିଆଇ ସାରିଲେଣି ବୋଲି ଜୋରଦାର ଚର୍ଚ୍ଚା ହେଉଛି। ଛାପଖାନା ମାଲିକ ପୌର ପରିଷଦରୁ ବିଗତ ଦିନରେ କାର୍ଯ୍ୟ କରିଥିବା ବକେୟା ୬୦ ଲକ୍ଷ ଟଙ୍କାକୁ କାଟି ବଳକା ଟଙ୍କାକୁ ମଧ୍ୟସ୍ଥି କର୍ମଚାରୀଙ୍କ ଜରିଆରେ ପ୍ରଦାନ ପାଇଁ କୌଣସି ମତେ ରାଜି ହୋଇଥିବା ବେଳେ ଏହି ଘଟଣା ସହରରେ ପ୍ରଚାରିତ ହେବା ପରେ ମଧ୍ୟସ୍ଥି କର୍ମଚାରୀ ଟଙ୍କା ନେବା ପାଇଁ ଆଉ ଧରାଛୁଆଁ ଦେଉନଥିବା ସୂଚନା ମିଳିଛି। ଫଳରେ କମିଶନ ବାବଦରେ ଅଧିକାରୀ ଓ କର୍ମଚାରୀ ପାଇବାକୁ ଥିବା ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏବେ ଛାପାଖାନା ମାଲିକଙ୍କ ପାଖରେ ରହିଛି। ଅନ୍ୟପକ୍ଷେ, ଉକ୍ତ ପୁସ୍ତକ ଛାପିବା ବିଲ ପ୍ରଦାନରେ ହୋଇଥିବା ଅନିୟମିତତା ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିବାକୁ କିଛି କାଉନସିଲର ସଜବାଜ ହେଉଥିବା ସୂଚନା ମିଳିଛି। ଏନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କୁ ପଚାରିବାରେ, କମିଶନ କାରବାର ବିଷୟ ଶୁଣିବା ପରେ ନିର୍ବାହୀ ଅଧିକାରୀ ଚିହ୍ନିକି ଉଠିଥିଲେ। ଯାହା କାର୍ଯ୍ୟାଦେଶ ପ୍ରଦାନ ହୋଇଥିଲା ସେହି ଅନୁସାରେ ସଠିକ ସମୟରେ ଉକ୍ତ ଛାପାଖାନା ପୁସ୍ତକ ପ୍ରଦାନ କରି ପାରିଲା ନାହିଁ। ଯେତିକି ପୁସ୍ତକ ପ୍ରଦାନ କରିଥିଲା, ସେହି ଅନୁସାରେ ଉକ୍ତ ସଂସ୍ଥାକୁ ବିଲ୍ ପ୍ରଦାନ କରାଯାଇଛି ବୋଲି କହିଛନ୍ତି।

## ଉଗ୍ରେଶ୍ୱରଙ୍କ ମନ୍ଦିରରୁ ବିଜେ ପ୍ରତିମା ଚୋରି



ନୟାଗଡ଼, ୧୨।୧(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ବଡ଼ପଣ୍ଡୁସର ବିଜେ ଉଗ୍ରେଶ୍ୱର ମହାଦେବଙ୍କ ମନ୍ଦିରରୁ ଗତକାଲି ରାତିରେ ଚୋରି ହୋଇଛି। ଉଗ୍ରେଶ୍ୱରଙ୍କ ବିଜେ ପ୍ରତିମା ଚୋରି ହୋଇଥିବା ଅଭିଯୋଗ ହୋଇଛି। ରବିବାର ସକାଳୁ ମହାପାତ୍ର ମନ୍ଦିର ଖୋଲିବାକୁ ଯିବା ସମୟରେ ମନ୍ଦିର ତାଲା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ସେ ଭିତରକୁ ଯିବା ପରେ ବିଜେ ପ୍ରତିମା ନଥିବା ଦେଖିଥିଲେ। ବିଜେ ପ୍ରତିମା ପଞ୍ଚମୁଖୀ ଓ ଅଷ୍ଟଧାତୁ ଦ୍ୱାରା ନିର୍ମିତ ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ସେଠାରେ ରୁଣ୍ଡ ହୋଇ ପୁଲିସକୁ ଖବର ଦେଇଥିଲେ। ଇଟାମାଟି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲା। କିଛି ଦୂରରେ ଲାଗିଥିବା ସିସିଟିଭି ଫୁଟେଜକୁ ପୁଲିସ ତନଖି କରୁଥିବା ସୂଚନା ମିଳିଛି। ଦୀର୍ଘଦିନ ବ୍ୟବଧାନ ପରେ ନୟାଗଡ଼ ଜିଲ୍ଲାରେ ମନ୍ଦିରରୁ ପ୍ରତିମା ଚୋରି ଘଟଣା ଦେଖିବାକୁ ମିଳିଛି। ଏହା ପୁଲିସ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି ଆଲୋଚନା ହେଉଛି। ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ଏବଂ ଇଟାମାଟି ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି। ସିସିଟିଭି ଫୁଟେଜ୍‌କୁ ଆଧାର କରି ଅନୁସନ୍ଧାନ ଚାଲିଥିବା ଏସ୍‌ଡିପିଓ କହିଛନ୍ତି।

## ଜଗନ୍ନାଥଙ୍କ ବିୟୋଗରେ ଶୋକସଭା

ନୟାଗଡ଼, ୧୨।୧(ସମିସ): ଓଡ଼ିଶାର କୃଷକ ଆନ୍ଦୋଳନର ପ୍ରବୀଣ ନେତା ତଥା ସିପିଆଇଏମ୍ ଓଡ଼ିଶା ରାଜ୍ୟ କମିଟିର ବରିଷ୍ଠ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ଜଗନ୍ନାଥ ମିଶ୍ରଙ୍କ ବିୟୋଗରେ ନୟାଗଡ଼ରେ ସାଥୀ ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମିଶ୍ରଙ୍କ ବିୟୋଗରେ ଓଡ଼ିଶା ତଥା କୃଷକ ସମାଜ ଜଣେ ଅଦ୍ୱିତୀୟ ଜନନେତାଙ୍କୁ ହରାଇଲା ବୋଲି ଶୋକବାର୍ତ୍ତାରେ କୁହାଯାଇଛି। ନୟାଗଡ଼ର ଆଖୁଚାଷୀଙ୍କ ଆନ୍ଦୋଳନ, ରଣପୁର କାଜୁ ଆନ୍ଦୋଳନ, ଭାପୁର ଜମି ସୁରକ୍ଷା ଆନ୍ଦୋଳନ, ଦଶପଲ୍ଲା ଆଦିବାସୀ ଆନ୍ଦୋଳନରେ କମ୍ରେଡ ତାଙ୍କ ଅବଦାନ ଅବିସ୍ମରଣୀୟ ବୋଲି ନେତାମାନେ ପ୍ରକାଶ କରିଥିଲେ। ପାର୍ଟିର ପୂର୍ବତନ ଲୋକାଲ କମିଟି ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ, ବର୍ତ୍ତମାନର ସମ୍ପାଦକ କୁଳମଣି ପୃଷ୍ଟି, ଯୁବନେତା ବିଭୂତି ପଟ୍ଟନାୟକ, ସନ୍ତୋଷ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ

ନୟାଗଡ଼, ୧୨।୧(ସମିସ): ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ନୟାଗଡ଼ ପୂଜ୍ୟପୂଜା କମିଟି ଏବଂ ସିଭିଲ ସୋସାଇଟି ତରଫରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ବିବେକାନନ୍ଦ ଥିଲେ ଯୁବକଙ୍କ ପାଇଁ ପ୍ରେରଣାର ସ୍ରୋତ। ରାଷ୍ଟ୍ର ଓ ସମାଜ ନିର୍ମାଣରେ ଯୁବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ତାଙ୍କର ଆହ୍ୱାନ ଯୁଗେ ଯୁଗେ ଯୁବ ସମାଜକୁ ପ୍ରେରିତ କରୁଥିବ ବୋଲି ଆଜି ଶ୍ରଦ୍ଧାଞ୍ଜଳି ସଭାରେ ବିଭିନ୍ନ ବ୍ୟକ୍ତିବିଶେଷ ମତବ୍ୟକ୍ତ କରିଥିଲେ। ଗୋଦାବରୀ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୟାଗଡ଼ ପୂଜ୍ୟପୂଜା ଅନୁଷ୍ଠାନ ଉପସଭାପତି ରାମକୃଷ୍ଣ ରଥ, ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ସିଭିଲ ସୋସାଇଟିର ବରିଷ୍ଠ ସଦସ୍ୟ ଭଗବତୀ ପଟ୍ଟନାୟକ, ଶରତ କୁମାର ସାହୁ, ନିରଞ୍ଜନ ମିଶ୍ର, ବସନ୍ତ କୁମାର ରାଉତ, ବିପିନ ସାହୁ, ନବକିଶୋର ସାହୁ, ଉଦୟନାଥ ମହାନ୍ତି, ଗୋପବନ୍ଧୁ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଧୀରେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। **ଓଡ଼ଗାଁ:** ଓଡ଼ଗାଁ ବ୍ଲକ ରୋଡ୍‌ଠାରେ ଅବସ୍ଥିତ ଅଫିସର କ୍ଲବ୍ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସମାଜସେବୀ ସୁଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆଦର୍ଶ ସମାଜ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଭାବଗ୍ରାହୀ ମହାପାତ୍ର, ଶିକ୍ଷକ ସନ୍ତୋଷ ସାହୁ, ରାଜେଶ ସେଠୀ, ବରେନ୍ଦ୍ର କୁମାର ନନ୍ଦ, ବାଦଲ ମହାରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଚ୍ୟୁତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ■ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଚୌଦ୍ୱାର ଓ ଭୁବନେଶ୍ୱର

ଦଶପଲ୍ଲା, ୧୨।୧(ସମିସ): ଦଶପଲ୍ଲା କ୍ରୀଡ଼ା ମହୋତ୍ସବର ଅନ୍ୟତମ ଆକର୍ଷଣ ଭାବେ ୨ଦିନିଆ ପ୍ରଦର୍ଶନୀ ମହିଳା ଫୁଟ୍‌ବଲ ପ୍ରତିଯୋଗିତା ଆଜି ଗାନ୍ଧୀ ମଇଦାନରେ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା, ରାଉରକେଲା, ଚୌଦ୍ୱାର ଓ ଭୁବନେଶ୍ୱର ଟିମ୍ ଲିଗ୍ ପର୍ଯ୍ୟାୟରେ ଖେଳିଥିଲେ। ତନ୍ମଧ୍ୟରୁ କଳିଙ୍ଗ ଏକାଡେମୀ ଭୁବନେଶ୍ୱର ଓ ଚୌଦ୍ୱାର ଦଳ ଫାଇନାଲକୁ ଉନ୍ନୀତ ହୋଇଛି। ମୁଖ୍ୟଅତିଥି ଭାବେ ଥାନା ଭାରପ୍ରାପ୍ତ ନିରୀକ୍ଷକ ଅନିତା ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳ ପରିଚାଳନା କରିଥିଲେ ଶ୍ୟାମ ସୁନ୍ଦର ଶାହା, ରବୀନ୍ଦ୍ର ନାୟକ, ଆଶୀର୍ବାଦ ସେନ ଓ ପ୍ରସନ୍ନ ନାୟକ।

## ‘ମହକ’ ଦ୍ୱିତୀୟ ସନ୍ଧ୍ୟାରେ ଝୁମିଲେ ଦର୍ଶକ



ଦଶପଲ୍ଲା, ୧୨।୧(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ମହକ ମଇଦାନରେ ଆୟୋଜିତ ଯୁବ ମହୋତ୍ସବ ‘ମହକ’ ୨ୟ ସନ୍ଧ୍ୟାରେ ନୟାଗଡ଼ ବିଧାୟକ ଡ. ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପଦେଷ୍ଟା ରଘୁନାଥ ସାହୁ ମଞ୍ଚ ସଂଯୋଜନା କରିଥିଲେ। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବ ସଭାପତି ଶ୍ରୀକାନ୍ତ ସାହୁ ଓ ସମ୍ପାଦକ ଚନ୍ଦନ ସାହୁ ମଞ୍ଚ ମଣ୍ଡନ କରିଥିଲେ। ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଥିଲା। ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବେଶ ଉପଭୋଗ କରିଥିଲେ।

● ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ

## ପାଣିପୋଇଲା ନିକଟରେ ନୂଆ ଚିନିକଳ ନିର୍ମାଣ ଦାବି



ନୟାଗଡ଼, ୧୨।୧(ସମିସ): ନୟାଗଡ଼ ଚିନିକଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ପାଣିପୋଇଲା ଡ୍ୟାମଠାରେ ଚାଷୀ ଓ କର୍ମଚାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ପାଣିପୋଇଲା ନିକଟସ୍ଥ ରାସୋଳ ମୌଜାରେ ମିଳିତ କ୍ରିୟାନୁଷ୍ଠାନ କମିଟି ଚିହ୍ନଟ କରିଥିବା ସ୍ଥାନରେ ନୂତନ ଚିନିକଳ ଖୋଲିବା ପାଇଁ ବୈଠକରେ ଦାବି କରାଯାଇଛି। ନୟାଗଡ଼ ଚିନିକଳ ମିଳିତ କ୍ରିୟାନୁଷ୍ଠାନ କମିଟି ଗତ ୨୦୨୪ ସେପ୍ଟେମ୍ବର ୨୬ ତାରିଖରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନିକଟରେ ଏକ ନୂତନ ଚିନି କାରଖାନା ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ ରଖିଥିଲେ। ନୂତନ ଚିନିକଳ ପ୍ରତିଷ୍ଠା ପାଇଁ ପାଣିପୋଇଲା ପୁରୁଣା ଚିନି କଳ ନିକଟରେ ୧୧୦ ଏକରରୁ ଅଧିକ ଜମି ରହିଥିବା ନେଇ ଏକ ପ୍ରସ୍ତାବ ଦାଖଲ କରିଥିଲେ। ପ୍ରଶାସନ ଏପର୍ଯ୍ୟନ୍ତ ସେମାନଙ୍କ ଅନୁରୋଧ ଅନୁଯାୟୀ କାର୍ଯ୍ୟ କରି ନାହିଁ। ଏହା ପରିବର୍ତ୍ତେ ଜିଲ୍ଲାପାଳ, ତହସିଲଦାର ଗମେଇଠାରେ ଏକ ଚିନିକଳ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିଥିବାରୁ ମିଳିତ କ୍ରିୟାନୁଷ୍ଠାନ କମିଟି ଅସନ୍ତୋଷ ପ୍ରକାଶ କରିଛି। କିଭଳି ଜିଲ୍ଲାପାଳ ଏ ସ୍ଥାନକୁ ସୁପାରିସ କଲେ ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ପ୍ରଶ୍ନ କରିଛି। ଏହା ପଛରେ କି ରହସ୍ୟ ରହିଛି ବୋଲି ପ୍ରଶ୍ନ ଉଠିବା ସହ ବୈଠକରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦି ପାଣିପୋଇଲା ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଚିନିକଳ କରାଯିବ ତେବେ ଏହାକୁ ନେଇ ଆନ୍ଦୋଳନ କରାଯିବ ବୋଲି କମିଟି ଚେତେଇ ଦେଇଛି।

### ● ୨୧ରେ ବାଲୁଗାଁରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା

ପାଣିପୋଇଲାଠାରେ ଚିନିକଳ ପାଇଁ ନୟାଗଡ଼ ଜିଲ୍ଲା କୃଷକ ଏବଂ ପୂର୍ବତନ କାରଖାନା କର୍ମଚାରୀଙ୍କ ଭାବପ୍ରବଣତା ରହିଛି। ଯଦି ସରକାର ନୂତନ ଚିନିକଳ କରିବାର ଅଛି ତେବେ କେବଳ ପାଣିପୋଇଲାରେ ହେଉ ବୋଲି କମିଟି ଦାବି କରିଛି। ଆଜିର ବୈଠକରେ ପାଣିପୋଇଲା ଜମିର ଦାବିକୁ ଓଡ଼ିଶା ସରକାରଙ୍କ ନିକଟକୁ ନପଠାଇଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। କାରଖାନା ପ୍ରତିଷ୍ଠା ପାଇଁ ବାଲୁଗାଁ ଚଣ୍ଡୀ ମନ୍ଦିରଠାରୁ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଆନ୍ଦୋଳନ ଶୋଭାଯାତ୍ରା ଆସନ୍ତା ୨୧ ତାରିଖରେ ଆୟୋଜନ କରିବାକୁ କମିଟି ନିଷ୍ପତ୍ତି ନେଇଛି। ଚିନି କଳ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ମନୋଜ କୁମାର ସାହୁ, ସମ୍ପାଦିକା ଲଳିତା କୁମାରୀ ଦାସ ଏବଂ ଆବାହକ ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ଚିନି କଳର କର୍ମଚାରୀ ଏବଂ ଆଖୁ ଚାଷୀଙ୍କୁ ନେଇ ଆଜି ବୈଠକ ଅନୁଷ୍ଠିତ ହୋଇଥିଲା। କ୍ରିୟାନୁଷ୍ଠାନ କମିଟିର ଅନ୍ୟାନ୍ୟ ପଦାଧିକାରୀ ଭାରତୀୟ କିସାନ ସଂଘ ସେଲ୍‌ଫର ଜିଲ୍ଲା ପ୍ରତିନିଧି ବିକ୍ରମ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ବୈକୁଣ୍ଠ ନାଥ ରାଉତ, ଶ୍ରମିକ ସଂଗଠନର ସଭାପତି ଲକ୍ଷ୍ମୀଧର ସାହୁ, କୃଷକ ପ୍ରତିନିଧି ଚକ୍ରଧର ଜେନା, ପ୍ରତିନିଧି କାଳୁ ଦଳବେହେରା, ଚିନିକଳ ମିଳିତ କ୍ରିୟାନୁଷ୍ଠାନ କମିଟିର ସମ୍ପାଦିକା ଲଳିତା କୁମାରୀ ଦାସ ଯୋଗଦେଇ ଚିନିକଳ କିପରି ପୁନର୍ବାର ପାଣିପୋଇଲାଠାରେ ହୋଇପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।

## ମାର୍ଚ୍ଚ ୧ରୁ ପଞ୍ଚମ ରାଜ୍ୟସ୍ତରୀୟ ନାଟ୍ୟମେଳା

ନୟାଗଡ଼, ୧୨।୧(ସମିସ): ଚଳିତ ବର୍ଷ ମାର୍ଚ୍ଚ ୧ରୁ ସପ୍ତାହବ୍ୟାପୀ ପଞ୍ଚମ ରାଜ୍ୟସ୍ତରୀୟ ନାଟ୍ୟମେଳା ପଠାଣି ସାମନ୍ତ ଅଡିଟୋରିୟମଠାରେ ଅନୁଷ୍ଠିତ ହେବ। ନୟାଗଡ଼ ସହରର ପଞ୍ଜିକୃତ ନାଟ୍ୟସଂସ୍ଥା ‘ନାଟ୍ୟଧାରା’ ଆନୁକୂଲ୍ୟରେ ବିଗତ ବର୍ଷ ଭଳି ମାର୍ଚ୍ଚ ୧ରୁ ୭ ତାରିଖ ଯାଏଁ ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ଭୁବନେଶ୍ୱର, ସମ୍ବଲପୁର, କଟକ ଏବଂ ନୟାଗଡ଼ ପ୍ରଭୃତି ସ୍ଥାନର ଧୁରୀଣ ନାଟ୍ୟାନୁଷ୍ଠାନଙ୍କ ସହିତ ନାଟକ ମଞ୍ଚସ୍ଥ ନିମନ୍ତେ ଯୋଗାଯୋଗ କରାଯାଉଛି। ପ୍ରତ୍ୟହ ସନ୍ଧ୍ୟା ୭ଟା ୩୦ ମିନିଟ ସମୟରେ ଆରମ୍ଭ ହେବାକୁ ଥିବା ନାଟକ ଗୁଡିକ ଥିଏଟର ଶୈଳୀରେ ପ୍ରଦର୍ଶିତ ହୋଇ ସର୍ବାଧିକ ଦୁଇ ଘଣ୍ଟା ଅବଧି ମଧ୍ୟରେ ପରିସମାପ୍ତ ହେବ। ନାଟକ ସମୂହ ସାମ୍ପ୍ରତିକ ସମାଜ ଭିତ୍ତିକ ହୋଇ ଦର୍ଶକୀୟ ଆଦୃତି ଲାଭ କରିବ ବୋଲି ଆଶା ଓ ବିଶ୍ୱାସ। ରାଜ୍ୟସ୍ତରୀୟ ନାଟ୍ୟମେଳାକୁ ପରିପୂର୍ଣ୍ଣ ଉପଭୋଗ





ପୂର୍ବକ ମଞ୍ଚମୁଖି ହେବା ସକାଶେ ନାଟ୍ୟପ୍ରେମୀଙ୍କୁ ନାଟ୍ୟନୁଷ୍ଠାନ ପକ୍ଷରୁ ଆନ୍ତରିକ ନିବେଦନ କରାଯାଇଛି। ଏନେଇ ସ୍ଥାନୀୟ ବୁଦ୍ଧ ମଣ୍ଡପଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନାଟ୍ୟଧାରା ନାଟ୍ୟନୁଷ୍ଠାନର ସଭାପତି ସମାଜସେବୀ ପ୍ରମୋଦ ପଟ୍ଟନାୟକ, ନାଟ୍ୟଭୂଷଣ ଡ. ବିଜୟ କୁମାର ଚୌଧୁରୀ ଓ ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠିତ ହେବାକୁ ଥିବା ନାଟ୍ୟମେଳା ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ବିବେକାନନ୍ଦ ପଠନ କେନ୍ଦ୍ର ବାର୍ଷିକୋତ୍ସବ



ଦଶପଲ୍ଲା, ୧୨।୧(ସମିସ): ଦଶପଲ୍ଲା କୁଞ୍ଜବନଗଡ଼ ସର୍ବପୁରାତନ ପାଠାଗାର ବିବେକାନନ୍ଦ ପଠନ କେନ୍ଦ୍ରର ୨୬ତମ ବାର୍ଷିକୋତ୍ସବ ଆଜିଠାରୁ ଆରମ୍ଭ ହୋଇଛି। ଆରାଧ୍ୟ ଶ୍ରୀ ମହାବୀର ମନ୍ଦିରଠାରୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବିଦ୍ୟାଳୟସ୍ତରୀୟ ନୃତ୍ୟ, ସଙ୍ଗୀତ, ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକ ଯୋଗ ଦେଇଥିଲେ। ତାଙ୍କ ଅଭିଭାଷଣରେ ନିଜ ଜନ୍ମଭୂମିରେ ମାଆ, ମାଟି ଓ ମଣିଷ କଥାକୁ ସୂଚାଇବା ସହିତ ସବୁଦିନିଆ ସହଯୋଗର ପ୍ରତିଶ୍ରୁତି ରଖିଥିଲେ। ଅନୁଷ୍ଠାନ ଉପଦେଷ୍ଟା ହାଡିବନ୍ଧୁ ମହାକୁଡ଼ଙ୍କ ବଳିଷ୍ଠ ମଞ୍ଚ ସଂଯୋଜନାରେ ସମ୍ମାନିତ ବକ୍ତା ଭାବେ କବି ଅଶୋକ କୁମାର ମଲ୍ଲ ଯୋଗଦେଇ ମତ ରଖିଥିଲେ। ସର୍ବୋପରି ମୁଖ୍ୟବକ୍ତା ଚନ୍ଦ୍ର ବିଜୟୀ ମିଶ୍ରଙ୍କ ଓଜସ୍ୱିନୀ ଅଭିଭାଷଣ ବେଶ୍ ତଥ୍ୟଭିତ୍ତିକ ଓ ଉପାଦେୟ ଥିଲା। ଅନ୍ୟତମ ଅତିଥି ଭାବେ ସମାଜସେବୀ ଶ୍ରୀହରି ନାୟକ ଓ ସଭାପତି ବିନୋଦ ବିହାରୀ ମଞ୍ଚ ମଣ୍ଡନ କରିଥିଲେ। ଚଳିତ ବର୍ଷ ସାହିତ୍ୟିକ ଚନ୍ଦ୍ର ବିଜୟୀ ମିଶ୍ରଙ୍କୁ ‘ସାହିତ୍ୟ ସମ୍ମାନ’ ଓ କଳା ସମ୍ମାନରେ ଏ ମାଟିର ଅନ୍ୟତମ ବରପୁତ୍ର ନାଟ୍ୟଗୁରୁ କାହ୍ନୁ ଚରଣ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଖଳିସାହି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସେମିରେ ମେଣ୍ଢାଶାଳ

ଖଣ୍ଡପଡ଼ା, ୧୨।୧(ସମିସ): ଖଣ୍ଡପଡ଼ା ବ୍ଲକ ଖଳିସାହି ବଡ଼ ପଡ଼ିଆରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ମେଣ୍ଢାଶାଳ କ୍ରିକେଟ କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଖଳିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ତୃତୀୟ କ୍ୱାର୍ଟର ମ୍ୟାଚ୍‌ରେ ଟସ୍ ଜିତି ମେଣ୍ଢାଶାଳ କ୍ରିକେଟ କ୍ଲବ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ କଟକ ନିହାର କ୍ଲବ ୧୮.୨ ଓଭରରେ ୧୦ ୱିକେଟ ହରାଇ ୧୭୬ ରନ୍ ସଂଗ୍ରହ କରିଥିଲା। ଜବାବରେ ମେଣ୍ଢାଶାଳ କ୍ରିକେଟ କ୍ଲବ ୧୫.୩ ଓଭରରେ ୪ ୱିକେଟ ହରାଇ ୧୭୭ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ



ମହାପାତ୍ର ୪୨ଟି ବଲରୁ ୯୦ ରନ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତୃତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ବିଜୟ ପୃଷ୍ଟି ଏବଂ ସମ୍ମାନିତ ଅତିଥି ଭାବେ ସମାଜସେବୀ ନରେନ୍ଦ୍ର ସାହୁ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ମ୍ୟାଚ୍‌କୁ ପ୍ରଦୀପ କୁମାର ସାହୁ ଏବଂ ରବି ନାରାୟଣ ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ। ସେହିପରି ଶ୍ରୀନିବାସ ଦଳେଇ ଓ ଦେବାଶିଷ ସାହୁ ଭାଷ୍ୟକାର ଦାୟିତ୍ୱ ନିଭାଇଥିଲେ।

ଭାପୁର ମହୋତ୍ସବ ତୃତୀୟ ସନ୍ଧ୍ୟା

# ‘ମାଟି ପରିଚୟ ଦିଏ, ସ୍ୱାଭିମାନ ଦିଏ ଠିକଣା’

ଭାପୁର, ୧୨।୧(ସମିସ):

ନୟାଗଡ଼ ଜିଲ୍ଲା ଭାପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ତୃତୀୟ ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ କଳା ପରିବେଷଣ ପରେ କଣ୍ଠଶିଳ୍ପୀ ଶଶାଙ୍କ ଶେଖରଙ୍କ ମନଜିଣା ସଙ୍ଗୀତ ସହ ପପୁ ପମ୍‌ପମ୍‌ଙ୍କ ହାସ୍ୟ ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରି ଦେଇଥିଲା। ଅପରାହ୍ନ ତିନିଟା ସମୟରେ ଭାପୁର ମାଟିର ସୁଯୋଗ୍ୟ କଳାକାର ସୁନାମଧନ୍ୟ କଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ, ଜଗଦୀଶ ପ୍ରସାଦ ରଥ, ପ୍ରାଣକୃଷ୍ଣ ମହାରଣାଙ୍କ ସଙ୍ଗୀତରେ ତୃତୀୟ ଦିବସ ଶୁଭାରମ୍ଭ ହୋଇଥିଲା। ଏହାପରେ ବାଦିଲୋ ଗ୍ରାମର ମା’ ବ୍ରାହ୍ମଣୀ ଦେବୀ ଖଞ୍ଜଣୀ ବାଦନ ଟିମ୍, ଦୁବପଲ୍ଲୀ ଗ୍ରାମର ମିନୁ ଡ୍ୟାନସ ଗ୍ରୁପ୍, ବଡସହରା ଗ୍ରାମର ଆଦର୍ଶ ଡ୍ୟାନସ ଗ୍ରୁପ୍ ସେମାନଙ୍କ କଳାପରିବେଷଣ କରିଥିଲେ। ଖୋର୍ଦ୍ଧାରୁ ଆସିଥିବା ଅଳେଇ ପାଇକ ଆଖଡା ଦଳର ରଣଭେରୀ ଓ ଦୁନ୍ଦୁଭି ତାଳେ ତାଳେ ପାଇକ ମାନଙ୍କ ବୀରତ୍ୱପୂର୍ଣ୍ଣ କଳା ପରିବେଷଣ ସବୁଠାରୁ ନିଆରା ଓ ଦର୍ଶକଙ୍କ ଲୋମ ଟାଙ୍କୁରି ଉଠିଥିଲା। ଉଦ୍‌ଘାଟନୀ ସଭାରେ ମାଟିପ୍ରାଣ ମା’ ମାଟିର ସଭାପତି ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ପରାମର୍ଶଦାତା ସନ୍ତୃପ୍ତ ମିଶ୍ର, ସମ୍ମାନିତ



### ● ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କଲେ ଶଶାଙ୍କ ଓ ପପୁ ପମ୍‌ପମ୍

ଅତିଥି ଭାବେ ଜଟଣୀର ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ସ୍ତମ୍ଭକାର ଡ. ପବିତ୍ର କୁମାର ସୁବୁଦ୍ଧି, ନୟାଗଡ଼ ଜିଲ୍ଲା ଓରମାସର ସଂଯୋଜକ ନଟବର ସ୍ୱାଇଁ, ୟସବ୍ୟାଙ୍କର ଅରୁଣ ପ୍ରସାଦ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଭୋକାଲ ଫର ଲୋକାଲ କଥା ଉଲ୍ଲେଖ କରିଥିଲେ ଅରୁଣ ପ୍ରସାଦ ସାହୁ। ସ୍ତମ୍ଭକାର ପବିତ୍ର ସୁବୁଦ୍ଧି କହିଥିଲେ ମାଟି ପରିଚୟ ଦିଏ, ସ୍ୱାଭିମାନ ଦିଏ ଠିକଣା। ମହୋତ୍ସବ କଣ ବାର୍ତ୍ତା ଦିଏ ତାହା ବଡ଼। ଅର୍ଥରେ ମଣିଷ ବଞ୍ଚେନା ଯଶରେ ମଣିଷ ବଞ୍ଚେ ବୋଲି କହିଥିଲେ।

## କବି ସମ୍ମିଳନୀ ଓ କବିତା ପାଠୋତ୍ସବ

ଭାପୁର, ୧୨।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ମହୋତ୍ସବ ତରଫରୁ ତୃତୀୟ ଦିବସରେ ମହୋତ୍ସବ ପଡ଼ିଆ ମଧ୍ୟରେ ଏକ କବି ସମ୍ମିଳନୀ ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସବିତା ଶୁକ୍ଳାଙ୍କ ଦ୍ୱାରା ଆୟୋଜିତ କବି ସମ୍ମିଳନୀରେ ଭାପୁର, ଖଣ୍ଡପଡ଼ା, ଗଣିଆ, ଦଶପଲ୍ଲା, ଓଡ଼ଗାଁ, ରଣପୁର, ନୟାଗଡ଼, ବୋଲଗଡ଼, ଖୋର୍ଦ୍ଧା ଓ ବାଙ୍କୀ ବ୍ଲକର ୭୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ ଯୋଗଦେଇ ସେମାନଙ୍କ ସ୍ୱଲିଖିତ କବିତା ଆବୃତ୍ତି କରିଥିଲେ। ସକାଳ ଦଶଟାରେ କଥାକାର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କବିତା ଆସରରେ ମଞ୍ଚ ସଂଯୋଜନା କରିଥିଲେ ଶିକ୍ଷାବିତ୍ ନିରଞ୍ଜନ ଆଚାର୍ଯ୍ୟ। ଦ୍ୱିତୀୟ ପର୍ଯ୍ୟାୟ କବି ସମ୍ମିଳନୀରେ ମଞ୍ଚ ପରିଚାଳନା କରିଥିଲେ ମନୋଜ କୁମାର ଶତପଥୀ ଓ ଗୋପୀନାଥ ସେଠୀ। ଅତିଥି ଭାବେ ସ୍ତମ୍ଭକାର ଡ. ପବିତ୍ର କୁମାର ସୁବୁଦ୍ଧି, କବି ଶେଖ ଅବଦୁଲ ଖଲିକ, ରବିନାରାୟଣ ମଙ୍ଗରାଜ, ପ୍ରସନ୍ନ କୁମାର ମହାରଣା, ବିଶ୍ୱନାଥ ମହାପାତ୍ର ଓ ଗଙ୍ଗାଧର ପଣ୍ଡା ଯୋଗ ଦେଇଥିଲେ।

## କାର୍ ଧକ୍କାରେ ୩ ବାଇକ୍ ଆରୋହୀ ଗୁରୁତର

ବୋଲଗଡ଼, ୧୨।୧(ସମିସ): ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ଥାନା ବ୍ରାହ୍ମପୁରା ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ କାର ଧକ୍କାରେ ୩ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତରମାନେ ହେଲେ ଭୀମସେନ ଦାସ (୩୫), ଶୁଭମ ଦାସ (୧୨) ଓ ସହଦେବ ନାୟକ (୬୧)। ଭୀମସେନଙ୍କର ଗୋଟିଏ ଗୋଡ଼ ଭାଙ୍ଗି ଛିଣ୍ଡି ଯାଇଛି। ଗୁରୁତରମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଭୀମସେନ ପୁଅ ସହିତ ନୟାଗଡ଼ ଅଭିମୁଖେ ବାଇକରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର ଧକ୍କା କରିଥିଲା। ଖବର ପାଇ ବୋଲଗଡ଼ ଥାନା ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର ଓ ବାଇକ ଜବତ କରିଛି।

● ଗୋରୁବୋଝେଇ ଭ୍ୟାନ୍ ଜବତ

## ୧୦ ଗୋରୁ ଉଦ୍ଧାର, ଜଣେ ଗିରଫ

ଖୋର୍ଦ୍ଧା, ୧୨।୧(ସମିସ): ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ବରୁଣେଇ ଓଭରବ୍ରିଜ ଉପରୁ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନକୁ ଗୋସୁରକ୍ଷା କର୍ମୀମାନେ ଧରି ପୁଲିସ ଜିମା ଦେଇଛନ୍ତି। ଏଥିରେ ଅମାନୁଷିକଭାବେ ବନ୍ଧା ହୋଇଥିବା ୯ ଗାଈଙ୍କ ସମେତ ଗୋଟିଏ ବାଛୁରୀକୁ ପୁଲିସ ଉଦ୍ଧାର କରିଛି। ଏହି ଘଟଣାରେ ପୁଲିସ ଗୋସୁରକ୍ଷା କର୍ମୀ ବାସେଲୀସାହିର ପି. ଅଶୋକଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରି ଖଣ୍ଡଗିରି ଥାନା ଯଦୁପୁରର ମହମ୍ମଦ ଆସିଫ (୩୯)ଙ୍କୁ ଗିରଫ କରିଛି। ଗୋରୁଙ୍କୁ ପ୍ରାଥମିକ ଚିକିତ୍ସା ପରେ ଗୋଶାଳାରେ ଛଡାଯାଇଛି।

## ଜରିପଡ଼ା ସେବା ସମବାୟ ସମିତି ଧାନମଣ୍ଡି ଶୁଭାରମ୍ଭ

ଟାଙ୍ଗୀ, ୧୨।୧(ସମିସ): ଜରିପଡ଼ା ସେବା ସମବାୟ ସମିତିର ଧାନମଣ୍ଡି ଶୁଭାରମ୍ଭ କରାଯାଇ ପ୍ରଥମ ଦିନରେ ୪୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଏହି ଅବସରରେ ଚାଷୀମାନେ ପୂଜାର୍ଚ୍ଚନା କରି ଧାନ ଦେବା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚିଲିକା ବ୍ଲକ ଯୋଗାଣ ନିରୀକ୍ଷକ ସନ୍ତୋଷ କୁମାର ଦାସ, ମ୍ୟାନେଜର ରାକେଶ ପାଇକରାୟ, ସଭାପତି ଦାମୋଦର ଜେନା, ସମ୍ପାଦକ ପ୍ରଦୀପ୍ ଶ୍ରୀଚନ୍ଦନ, ଚଣ୍ଡୀ ହରଦେବ ରାଇସ ମିଲର ପାର୍ଟନର ପ୍ରିୟରଞ୍ଜନ ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ପ୍ରଧାନ, ଅର୍ଜୁନ ବିଶ୍ୱାଳ, ଲୋତକବିନ୍ଦୁ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ଶିଶିରକାନ୍ତ ଦାସ, ଅମୀୟ ପ୍ରସାଦ ମହାନ୍ତି, ଦିଲ୍ଲୀପ ଶ୍ରୀଚନ୍ଦନ, ଆଲୋକ ବେହେରା, ନାରାୟଣ ପ୍ରଧାନ, ଅର୍ଜୁନ ମହାପାତ୍ର ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

## ପ୍ରାଧ୍ୟାପକ ସନାତନ ମିଶ୍ରଙ୍କ ପରଲୋକ

ଖୋର୍ଦ୍ଧା, ୧୨।୧(ସମିସ): ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ସନାତନ ମିଶ୍ରଙ୍କ ୮୪ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ସରୋଜୀନି ମିଶ୍ର, ଦୁଇ ପୁଅ ସୁଶାନ୍ତ ଓ ସନ୍ତୋଷ, ଝିଅ ମାନସୀ, ଜ୍ୱାଇଁ ସାଧାରଣ ଅଭିଯୋଗ ଓ ପେନସନ ବିଭାଗ ଅତିରିକ୍ତ ସଚିବ ବିଭୂତି ମିଶ୍ର, ଭାଇ ବିପିନ ବିହାରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମରଶରୀର ଖୋର୍ଦ୍ଧା ବାସଭବନରେ ପହଁଚିବା ପରେ ତାଙ୍କର ଅନେକ ଶୁଭେଚ୍ଛୁଙ୍କର ଶେଷଦର୍ଶନ ପାଇଁ ଭିଡ ଜମିଥିଲା। ଉମାଶଙ୍କର ପ୍ରସାଦ, ଗୀତ ଗବେଷଣା ପରିଷଦର ସମ୍ପାଦକ ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ସମବାୟବିତ ବିମଳଚନ୍ଦ୍ର ଷଡଙ୍ଗୀ, ବରିଷ୍ଠ ସାମ୍ବାଦିକ ସୁଜିତ ମିଶ୍ର, ରାଜିବ ଲୋଚନ ଷଡଙ୍ଗୀ ପ୍ରମୁଖ ପହଁଚି ତାଙ୍କର ମରଶରୀରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ମିଶ୍ର ଜଣେ ଅମାୟିକ ବ୍ୟକ୍ତି ଥିଲେ। ଗୀତା ଗବେଷଣା ପରିଷଦର ସେ ସଭାପତି ଥିଲେ। ଅନେକ ସାହିତ୍ୟାନୁଷ୍ଠାନ, ତଥା ଶିକ୍ଷା ବିଭାଗରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଗୋଦାବରୀଶ ବିଦ୍ୟାପୀଠରେ ୯୫ତମ ବାର୍ଷିକୋତ୍ସବ

ବାଣପୁର, ୧୨।୧(ସମିସ): ବାଣପୁରର ସର୍ବପୁରାତନ ଗୋଦାବରୀଶ ବିଦ୍ୟାପୀଠର ୯୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ବାଣପୁର ଏନଏସି ନଗରପାଳ ମିଟୁ ନାୟକ, ମୁଖ୍ୟବକ୍ତା ବାଣପୁର ଗୋଷ୍ଠୀ ଶିକ୍ଷାଧିକାରୀ ସିଏଚ ବିଜୟଲକ୍ଷ୍ମୀ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ନୃସିଂହ ପ୍ରସାଦ ମିଶ୍ର, ପରିଚାଳନା ସମିତି ସଭାପତି ପ୍ରଭାକର ଲେଙ୍କା, ସଦସ୍ୟ ହରମୋହନ ସାହୁ, ପଞ୍ଚ କବଳ ସଖା ଶିକ୍ଷା ସେତୁର ସଭାପତି ମାୟାଧର ବେହେରା, ଡଃ ଚିନ୍ତାମଣି ମିଶ୍ର ଓ କାଉନସିଲର ରବିନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇ ପଣ୍ଡିତ ଗୋଦାବରୀଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁସଜ୍ଜିତ ଶ୍ରେଣୀ ଗୃହ ଓ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଶ୍ୟାମସୁନ୍ଦର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ବିବରଣୀ ପଠନ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଧାନକିଣାରେ ବିଳମ୍ବ; ଖୋଲିନି ଅଧାରୁ ଅଧିକ ମଣ୍ଡି

### କଷ୍ଟୋପାର୍ଜିତ ଧାନକୁ ଧରି ମଣ୍ଡିକୁ ଚାହିଁ ବସିଛି ଚାଷୀ

ଖୋର୍ଦ୍ଧା, ୧୨।୧(ସମିସ)



ଜିଲ୍ଲାରେ ଧାନ ସଂଗ୍ରହରେ ବିଳମ୍ବ କାରଣରୁ ଚାଷୀ ବହୁଳ ଭାବେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ପୂର୍ବରୁ ଧାନ ଅମଳ କରି ଚାଷୀ ଅଭାବ ଅନଟନ ଯୋଗୁଁ ଦଲାଲ ହାତରେ କ୍ୱିଣ୍ଟାଲ ପିଛା ୮୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ କମ ଦରରେ ବିକ୍ରି କରିଥିବା ଜଣାପଡ଼ିଛି। ଏହାବାଦ ବିଳମ୍ବରେ ପ୍ୟାକ୍ସ ଖୋଲିବା ଚାଷୀଙ୍କ ପାଇଁ ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଛି।୧୩୯ ପ୍ୟାକ୍ସ ଏବଂ ୧୫ଗୋଟି ସବ- ସେଣ୍ଟରକୁ ମିଶାଇ ମୋଟ ୧୫୪ଟି ସ୍ଥାନରେ ଚାଷୀଙ୍କଠାରୁ ଧାନ କିଣିବାକୁ ଯୋଜନା କରାଯାଇଥିବା ବେଳେ ଶନିବାର ସୁଦ୍ଧା ମାତ୍ର ୭୧ଟି ଧାନ ମଣ୍ଡି ଖୋଲିଛି। ମୋଟ୍ ୧୩ଗୋଟି ମିଲର୍ସ ଅଂଶଗ୍ରହଣ କରିଛନ୍ତି। ପ୍ରାୟ ମଣ୍ଡି ସପ୍ତାହକୁ ଥରୁଟିଏ ଖୋଲାଯିବାକୁ ଧାର୍ଯ୍ୟ ହୋଇଛି। ଏମିତିକି କିଛି ଚାଷୀଙ୍କୁ ଟୋକନ ମିଳିଥିଲେ ମଧ୍ୟ ସେମାନେ ମଣ୍ଡିରେ ଧାନ ଦେବାକୁ ଅନାଇ ବସିଥିଲେ ମଧ୍ୟ ମଣ୍ଡି ଖୋଲୁନି। ଅଧାରୁ ଅଧିକ ମଣ୍ଡି ଖୋଲି ନ ଥିବାରୁ ଚାଷୀ ନାହିଁ ନ ଥିବା ସମସ୍ୟାରେ ରହିଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ଟୋକନ ଯୋଗାଇ ଦିଆଯାଇ ନ ଥିବାରୁ ମଣ୍ଡି ଖୋଲାଯାଇ ନ ଥିବା ସୂଚନା ମିଳିଛି।

ଜିଲ୍ଲାର ଚାଷୀ ଯେପରି ଠିକ ସମୟରେ ମଣ୍ଡିଯୋଗେ ଧାନ ବିକ୍ରି କରି ସଠିକ ସମୟରେ ନିର୍ଦ୍ଧାରିତ ସହାୟକ ମୂଲ୍ୟ ପାଇବେ ସେଥିପାଇଁ ପ୍ରତିବର୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଧାନ ସଂଗ୍ରହ କମିଟି ବୈଠକରେ ଗୁରୁତ୍ୱାରୋପ ହେଉଛି। ଏହାସହ ଧାନ ସଂଗ୍ରହ ସମୟରେ ଯେପରି ଚାଷୀ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଏ, ଠିକ ସମୟରେ ମଣ୍ଡିରେ ଧାନ ଦେବା, ସହଜ ଭାବେ ପ୍ରାପ୍ୟ ପାଇବା ଉପରେ ପରାମର୍ଶ ଦିଆଯାଉଛି। କିନ୍ତୁ ପରବର୍ତ୍ତୀ ସମୟରେ ଏହାର ଅନୁପାଳନ ହେଉଛି କି ନାହିଁ ତାହା ନିରୀକ୍ଷଣ କରାଯାଉନାହିଁ। ଚଳିତ ବର୍ଷ ଖରିଫ ଋତୁ ଧାନ ସଂଗ୍ରହ କ୍ଷେତ୍ରରେ ବହୁ ଅବହେଳା ଦେଖାଦେଇଛି। ପୂର୍ବରୁ ଧାନମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁଁ ଜିଲ୍ଲାର ଅଧିକାଂଶ ଚାଷୀ ନିର୍ଦ୍ଧାରିତ ମୂଲ୍ୟଠାରୁ ୮୦୦ରୁ ୧୦୦୦ଟଙ୍କା କମ୍ ମୂଲ୍ୟରେ କଷ୍ଟୋପାର୍ଜିତ ଧାନକୁ ମଧ୍ୟସ୍ଥି ହାତରେ ବିକ୍ରି କରି ସାରିଛନ୍ତି। ଏବେ ଯେଉଁ ଧାନ ସଂଗ୍ରହ ହେଉଛି ତାହା ଚାଷୀଙ୍କ ଟୋକନ ବଳରେ ମଧ୍ୟସ୍ଥିମାନେ ଧାନ ବିକ୍ରି କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଏପର୍ଯ୍ୟନ୍ତ ବହୁ ପ୍ୟାକ୍ସକୁ ଧାନ ସଂଗ୍ରହର ଧାର୍ଯ୍ୟଲକ୍ଷ୍ୟ ମିଳି ନ ଥିବାରୁ ମଣ୍ଡି ଖୋଲି ପାରୁ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। କେତେକ ମଣ୍ଡିରେ ଧାନ ନେବାବେଳେ ମିଲରଙ୍କ ମନମାନି ଯୋଗୁଁ ଚାଷୀ ଅସନ୍ତୋଷ ମଧ୍ୟ ବଢୁଥିବା ଦେଖାଯାଇଛି।

ଗତବର୍ଷ ୧୨ଲକ୍ଷ ୫୦ହଜାର ୪୬୨.୦୩ କ୍ୱିଣ୍ଟାଲ ଧାନକିଣା ହୋଇଥିବାବେଳେ ଚଳିତ ବର୍ଷ ଜିଲ୍ଲାକୁ ୧୩ ଲକ୍ଷ ୧୧ ହଜାର କ୍ୱିଣ୍ଟାଲ ଧାନ କିଣିବା ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ଜଣାଯାଇଛି। ଜିଲ୍ଲାରେ ମଣ୍ଡିରେ ୫୧୧୫୧ଜଣ ଚାଷୀ ଧାନ ଦେବାଲାଗି ପଞ୍ଜିକରଣ କରିଛନ୍ତି।୧୧ତାରିଖ ସୁଦ୍ଧା ଜିଲ୍ଲା ଲକ୍ଷ୍ୟଧାର୍ଯ୍ୟ ୨ଲକ୍ଷ ୬୨ହଜାର କ୍ୱିଣ୍ଟାଲ ରହିଛି। ୯୫୬ଜଣ ଚାଷୀଙ୍କ ଠାରୁ ମାତ୍ର ୩୨, ୦୨୮ କ୍ୱିଣ୍ଟାଲ ଧାନକିଣା ହୋଇଛି। ୪୫୨ଜଣ ଚାଷୀଙ୍କ ଆକାଉଣ୍ଟକୁ ୩କୋଟି ୫୯ଲକ୍ଷ ୧ହଜାର ୩୬୭ ଟଙ୍କା ପଠାଯାଇଥିବା ଜିଲ୍ଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ ସୂଚନା ଦେଇଛନ୍ତି।

ପ୍ରକାଶ ଥାଉକି, ଚାଷୀ ଉପରେ ଚଳିତ ବର୍ଷ ପ୍ରକୃତି ଦାଉ ସାଧିଥିବା ବେଳେ ଏବେ ପୁଣି ଧାନକିଣା ସମୟରେ ମଣ୍ଡି ଖୋଲିବାରେ ବିଳମ୍ବ ଚାଷୀ ବେଡି ଉପରେ କୋରଡା ସଦୃଶ ହୋଇଛି। ଲଗାଣ ବର୍ଷାରୁ କଷ୍ଟେମଷ୍ଟେ ଯେଉଁ ଧାନକୁ ସଞ୍ଚୟ କରିଛି ତାକୁ ଘରେ ବା ବାଡିରେ ସାଇତି ରଖିବା ସମ୍ଭବ ହେଉନି। ଗାଁ ଗୁଡିକରେ ହାତୀ ଓ ବାର୍ହା ଉତ୍ପାତ ଚାଷୀଙ୍କୁ ବେଶି ଚିନ୍ତାରେ ପକାଉଛି। ତେଣୁ ଖୁବଶୀଘ୍ର ମଣ୍ଡି ଖୋଲି ଚାଷୀଙ୍କ ପାଖରେ ଥିବା ଧାନକୁ କିଣାଯାଉ ବୋଲି ସେମାନେ ଦାବି କରିଛନ୍ତି।

## ୧୨ତମ ଭଗବତୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ୨-୧ରେ ବଜରଙ୍ଗୀ ଘାଟିକିଆ ଚାମ୍ପିଅନ



ନିରାକାରପୁର, ୧୨।୧(ସମିସ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ମା' ଭଗବତୀ ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୧୨ତମ ଭଗବତୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱର ଘଟିକିଆ ବଜରଙ୍ଗୀ କ୍ଲବ ୨-୦ରେ ସ୍ପୋର୍ଟସ ହଷ୍ଟେଲ ନୟାଗଡ଼କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଖେଳକୁ ଶରତ କୁମାର ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ, ଚିତ୍ତରଞ୍ଜନ ପରିଡ଼ା, ଶରତ କୁମାର ଛୋଟରାୟ ଓ ଫକୀର ଚରଣ ନିସଙ୍କ ପରିଚାଳନା କରିଥିଲେ। ଆଜିର ଅତିଥିଭାବେ ସାଂସଦ ମୁନା ଖାଁ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ଉପାଧ୍ୟକ୍ଷ ଦୁର୍ଗା ନାଥ ଶର୍ମା, ସମାଜସେବୀ ସତ୍ୟବ୍ରତ ପଟ୍ଟନାୟକ, ସରପଞ୍ଚ ବିରେଶ ରାଜଗୁରୁ, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁକାନ୍ତ କୁମାର ମଙ୍ଗରାଜ, ସଭାପତି ମାନସ ଦାସ, ଉପସଭାପତି ସଞ୍ଜୟ କୁମାର ମହାପାତ୍ର, ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର, ଉପଦେଷ୍ଟା ନୀଳଲୋହିତ ମହାନ୍ତି, କୋଷାଧ୍ୟକ୍ଷ ଶେଖ୍ ଇସ୍ରାଏଲ, ବୀରେନ ମହାପାତ୍ର, ପତିତପାବନ ଜେନା ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ରନର୍ସଅପ ଦଳକୁ ଟ୍ରଫି, ଅର୍ଥ ରାଶି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ଚୌହାନ, ଅଭିରାମ ପାତ୍ର, ଆନନ୍ଦ ଜେନା, ସଞ୍ଜୟ ବେହେରା, ଚନ୍ଦନ ମିଶ୍ର, ରମାକାନ୍ତ ପଟ୍ଟନାୟକ, ପ୍ରଭାତ କୁମାର ପ୍ରହରାଜ, ସେକ ଶକୁନ, ଟିମା ବେହେରା, ସତ୍ୟଜିତ ଦାସ, ରବୀନ୍ଦ୍ର ସାହୁ, ବିଶ୍ୱନାଥ ପ୍ରଧାନ, ଯୋଗେନ୍ଦ୍ର ସାହୁ ଓ ଭାସ୍କର ଭୋଇ, କେଳୁ ଚରଣ ସେଠୀ, ରମାକାନ୍ତ ପଟ୍ଟନାୟକ, ନୃସିଂହ ଚରଣ ମହାନ୍ତି, ଶେଖ୍ ଗୁଲାମ ରସୁଲ ପ୍ରମୁଖ ସହଯୋଗ କରିଥିଲେ।

● ସର୍ବଭାରତୀୟ ୩୧ତମ ସଖା ସଂଘ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## କିଶୋର କ୍ଲବ୍ ଭୁବନେଶ୍ୱର ୪-୩ ଗୋଲରେ ବିଜୟୀ

ନିରାକାରପୁର, ୧୨।୧(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡା ସଂସଦ ତରଫରୁ ରବିବାରଠାରୁ ୩୧ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଆଜିର ଉଦଘାଟନୀ ମ୍ୟାଚରେ ଆଜିର ଉଦଘାଟନୀ ମ୍ୟାଚ୍ କିଶୋର କ୍ଲବ, ଭୁବନେଶ୍ୱର ଓ ୟୁଙ୍ଗ ୟୁଥ୍ କ୍ଲବ୍ ମଣିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ



ଦଳ ଖେଳ ଶେଷ ପର୍ଯ୍ୟନ୍ତ ପରସ୍ପରକୁ ୨-୨ ଗୋଲ ଦେବାରୁ ଖେଳ ଅମୀମାଂସିତ ରହିଥିଲା। ଶେଷରେ ଟାଇବ୍ରେକର ସହାୟତାରେ କିଶୋର କ୍ଲବ ୪-୩ ଗୋଲରେ ମଣିପୁରକୁ ହରାଇ ବିଜୟୀ ହୋଇଛି। ଆଜିର ଖେଳକୁ ଶଖାବତ୍ ଅଲ୍ଲୀ ଖାଁ, ପ୍ରମୋଦ କୁମାର ଦାସ, ବିପିନ ସାମନ୍ତରାୟ ଓ ଓମ୍ ପ୍ରକାଶ ମିଶ୍ର, ଗଙ୍ଗାଧର ପଟ୍ଟନାୟକ, ବିଶ୍ୱନାଥ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମଣିପୁର କ୍ଲବର ୧୦ ନଂ ଜର୍ସି ରୋବୋର୍ଟ ଓ କିଶୋର କ୍ଲବ ୧୨ନଂ ଜର୍ସି ନନ୍ଦ ସିଂଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପଣ୍ଡିତ ଅଶୋକ କୁମାର ମହାପାତ୍ର ଓ ଏସଆଇ ଦୀପାଳିଶା ନାୟକଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। କ୍ଷେତ୍ରବାସୀ ଡିଏଭି କଲେଜର ପୂର୍ବତନ ପରିଚାଳନା କମିଟି ସଭାପତି ଡ ସଞ୍ଜୟ କୁମାର ମହାପାତ୍ର ଖେଳକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ବିଶିଷ୍ଟ ଅତିଥି ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି କ୍ରୀଡା ସଂସଦ ଉପଦେଷ୍ଟା ଡ ସଞ୍ଜୟ କୁମାର ପଟ୍ଟନାୟକ, ଇଞ୍ଜିନିୟର ବିଶ୍ୱମୋହନ ପଟ୍ଟନାୟକ, ସଙ୍ଘ ସଭାପତି ବିପିନ କୁମାର ଜୟସିଂହ, ବରିଷ୍ଠ ଜ୍ୟୋତିର୍ବିଦ ଅଶୋକ କୁମାର ମହାପାତ୍ର, ଏସଆଇ ଦିପାଳିଶା ନାୟକ, ସରପଞ୍ଚ କାଦମ୍ବିନୀ ବେହେରା, ଅଭିଷେକ ହିରୋ ସୋରୁମ୍ ପ୍ରୋପାଇଟର କଳିଙ୍ଗ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, କାଶିପୁର ସୋସାଇଟି ପ୍ରଦୀପ୍ତ କୁମାର ଷଡଙ୍ଗୀ, ସମ୍ପାଦକ ଭାଗିରଥି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ସହ କାର୍ ଜବତ; ୨ ଫେରାର

ଖୋର୍ଦ୍ଧା, ୧୨।୧(ସମିସ): ୧୬ନଂ ଜାତୀୟ ରାଜପଥର ବରୁଣେଇ ଓଭରବ୍ରିଜ ଉପରୁ ରବିବାର ଏକ ଗଞ୍ଜେଇ ବୋଝେଇ କାରକୁ ଅବକାରୀ ପୁଲିସ ଜବତ କରିଛି। ସେଠାରୁ ଦେଢ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି। ଯାହାର ମୂଲ୍ୟ ୧୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି।



ସୂଚନା ଅନୁଯାୟୀ ଓଡି.୦୨ସିଟି-୭୫୨୧ କାରରେ ଫୁଲବାଣୀରୁ ଗଞ୍ଜେଇ ବୋଝେଇ ହୋଇ ଆସୁଥିବା ଅବକାରୀ ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଅବକାରୀ କର୍ତ୍ତୃପକ୍ଷ କାରକୁ ଅଟକାଇବାକୁ ଉଦ୍ୟମ କରିବାରେ ଚାଳକ ଦ୍ରୁତ ଗତିରେ ନେଇ ଭାରସ୍ୟାମ ହରାଇ ରାସ୍ତାପାର୍ଶ୍ୱ ବାରରେ ଗାଡି ଧକ୍କା ଦେଇ ସେଠାରେ ଅଟକି ଯାଇଥିଲା। ଘଟଣାସ୍ଥଳରୁ ଡ୍ରାଇଭର ସମେତ ଦୁଇଜଣ ଫେରାର ହୋଇ ଯାଇଛନ୍ତି।

● କେନ୍ଦ୍ରୀୟ ବିଦ୍ୟାଳୟ କ୍ଲଷ୍ଟରସ୍ତରୀୟ ସାଂସ୍କୃତିକ ମେଳା

## ଆଇଏନ୍‌ଏସ ଚିଲିକା ଚାମ୍ପିଅନ ଏବଂ ଛତ୍ରପୁର ରନର୍ସ ଅପ୍




ବାଲୁଗାଁ, ୧୨।୧(ସମିସ): ନୌବାଳକ ତାଲିମ୍ କେନ୍ଦ୍ର ଚିଲିକା ପରିସରସ୍ଥ କେନ୍ଦ୍ରୀୟ ବିଦ୍ୟାଳୟରେ ଆୟୋଜିତ କ୍ଲଷ୍ଟରସ୍ତରୀୟ ସାଂସ୍କୃତିକ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବ୍ରହ୍ମପୁର କ୍ଲଷ୍ଟର ଅନ୍ତର୍ଗତ ଆଠଟି କେନ୍ଦ୍ରୀୟ ବିଦ୍ୟାଳୟ ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର, ଆସ୍କା, ହିଞ୍ଜିଳିକାଟୁ, ଭଞ୍ଜନଗର, ଦିଗପହଣ୍ଡି ଏବଂ ଆଇଏନଏସ ଚିଲିକାର ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜ ନିଜର ଦକ୍ଷତା ଏବଂ ପ୍ରତିଭା ପ୍ରଦର୍ଶନ କରିଥିଲେ। ସେମାନଙ୍କ ସହ ୪୦ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଦିବଶ ବ୍ୟାପି ଚାଲିଥିବା କାର୍ଯ୍ୟକ୍ରମରେ ୧୨ ଗୋଟି ବ୍ୟକ୍ତିଗତ ପ୍ରତିଯୋଗିତା ଯଥା ଭାଷଣ, ଗଳ୍ପ କଥନ, କବିତା ଆବୃତ୍ତି, ରଚନା ଲେଖନ, ଚିତ୍ରାଙ୍କନ ଓ ଅଭିନୟ ଆଦି ଏବଂ ୪ଗୋଟି ଗ୍ରୁପ୍ ପ୍ରତିଯୋଗିତା ଯଥା ନୃତ୍ୟ, ଗୀତ, ନାଟକ ଏବଂ କୁଇଜ ଆୟୋଜିତ ହୋଇଥିଲା। ଚାମ୍ପିଅନ ଭାବରେ କେନ୍ଦ୍ରୀୟ ବିଦ୍ୟାଳୟ ଆଇଏନଏସ ଚିଲିକା ପ୍ରଥମ ସ୍ଥାନ ଏବଂ ରନର୍ସ -ଅପ ରୂପେ କେନ୍ଦ୍ରୀୟ ବିଦ୍ୟାଳୟ ଛତ୍ରପୁର ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ଆଇଏନଏସ ଚିଲିକାର କମାଣ୍ଡିଂ ଅଫିସର କମୋଡ଼ର ବି. ଦୀପକ ଅନିଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମର ଗୁରୁତ୍ୱ ବୁଝାଇଥିଲେ। ବିଶେଷ ଅତିଥି ଭାବେ ଏସବିଆଇ ମୁଖ୍ୟ ପରିଚାଳକ ସତ୍ୟଶୀଷ ପଟ୍ଟନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଜେନା ଏବଂ ପ୍ରଧାନଶିକ୍ଷକ ଅମିତା ଟୋକସଙ୍କର ଦିଗଦର୍ଶନରେ ଉକ୍ତ ସାଂସ୍କୃତିକ ମେଳା ଆୟୋଜନ ସମ୍ଭବ ହୋଇପାରିଥିଲା। ଶିକ୍ଷୟତ୍ରୀ ଶୁଭଶ୍ରୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଚିନ୍ମୟ ପରିଡ଼ା, ଭବାନୀ ମଣ୍ଡଳ, ସରଞ୍ଜନ ଦ୍ୱାରୀଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ଗିନି କପ୍ କ୍ରିକେଟ୍; ଖୋର୍ଦ୍ଧା କ୍ରିକେଟ ଆସୋସିଏସନ୍ ଚାମ୍ପିଅନ

### ଖୋର୍ଦ୍ଧାରେ ୫୦ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହେବ ମିନି ଷ୍ଟାଡିୟମ୍ ଏବଂ କ୍ରିକେଟ ଏକାଡେମୀ

ଖୋର୍ଦ୍ଧା, ୧୨।୧(ସମିସ)




ସ୍ଥାନୀୟ ଷ୍ଟାଡିୟମ ଠାରେ ଦୀର୍ଘ ୮ ଦିନ ଧରି ଚାଲିଥିବା ଗିନି କପ୍ କ୍ରିକେଟ ରବିବାର ଉଦଯାପିତ ହୋଇଯାଇଛି। ଖୋର୍ଦ୍ଧା କ୍ରିକେଟ ଆସୋସିଏସନ ଗିନି କପ ବିଜେତା ହୋଇଛି। ଆଜିର ଫାଇନାଲ ଖେଳରେ ଖୋର୍ଦ୍ଧା କ୍ରିକେଟ ଆସୋସିଏସନ ଏବଂ ସୋଲାର କ୍ରିକେଟ କ୍ଲବ କଟକ ମଧ୍ୟରେ ହୋଇଥିଲା। ଖେଳକୁ ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଏବଂ ଖୋର୍ଦ୍ଧା ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ ଶୁଭାରମ୍ଭ କରିଥିଲେ। ଖୋର୍ଦ୍ଧା ଟିମ୍ ଟସ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୫ୱିକେଟ୍ ହରାଇ ୧୫୭ ରନ କରିଥିଲା। ଦଳ ପକ୍ଷରୁ ରାକେଶ ପଟ୍ଟନାୟକ ୨୫ବଲ୍‌ରେ ୪୨ ରନ ଏବଂ ଆରୀୟଶ୍ରୀ ଦେବାଶିଷ ଭଟ୍ଟ ୧୯ ବଲରେ ୨୫ରନ ସଂଗ୍ରହ କରିଥିଲେ। ୧୫୮ ରନର ପିଛା କରି ସୋଲାର କ୍ଲବ କଟକ ୨୦ଓଭରରେ ୮ୱିକେଟ୍ ହରାଇ ମାତ୍ର ୧୦୬ ରନ କରିଥିଲା। ଦଳ ପକ୍ଷରୁ ପ୍ରଦୀପ୍ତ କୁମାର ଦାସ ୨୯ଟି ବଲ୍‌ରେ ୨୮ ରନ କରିଥିଲେ। ପ୍ଲେୟାର ଅଫ ଦି ଫାଇନାଲ ଭାବେ ରାକେଶ କୁମାର ପଟ୍ଟନାୟକଙ୍କୁ ୫୦୦୦ଟଙ୍କା ଚେକ୍, ଟ୍ରଫି ଏବଂ ଟାଇମେକ୍ସ ୱାର୍ଲ୍ଡ ପ୍ରଦତ୍ତ ସ୍ମାର୍ଟ ୱାଚ ପାଇଥିଲେ।

ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ପ୍ରଦୀପ୍ତ କୁମାର ଦାସଙ୍କୁ ୧୦ହଜାର ଟଙ୍କାର ଚେକ୍, ଟ୍ରଫି ସହ ଟାଇମେକ୍ସ ୱାଲର୍ଡ ପ୍ରଦତ୍ତ ସ୍ମାର୍ଟ ୱାଚ ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନର କାର୍ଯ୍ୟକାରୀ ସଭାପତି ମନୋଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ସମ୍ମାନିତ ଅତିଥି ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ବିଶିଷ୍ଟ କ୍ରିକେଟର ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଉପ ସଭାପତି ମହେଶ ଅଗ୍ରୱାଲ, ଯୋଗ ଦେଇଥିଲେ। ସମ୍ପାଦକ ଭବାନୀ ଶଙ୍କର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଜଗଦେବ ଏବଂ ସମ୍ମାନିତ ଅତିଥି ଶ୍ରୀ ମହାପାତ୍ର ଖୋର୍ଦ୍ଧା ଷ୍ଟାଡିୟମ୍ ପରିସରରେ କେଡିସିଏ କ୍ରିକେଟ ଏକାଡେମୀର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ମିନି ଷ୍ଟାଡିୟମ୍‌ରେ ପରିଣତ କରିବା ପାଇଁ ୫୦ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ। ଚାମ୍ପିୟାନ ଦଳ ଭାବେ ଖୋର୍ଦ୍ଧା ଟିମ୍‌କୁ ଗିନି କପ୍ ସହ ମୋଦୀ ଡିଷ୍ଟିଲେରୀ ରକଫୋର୍ଡ ପ୍ରଦତ୍ତ ୫୦ହଜାର ଟଙ୍କାର ଚେକ୍ ଏବଂ ରନର୍ସ ଅପ ସୋଲାର କ୍ରିକେଟ କ୍ଲବ କଟକ ଟ୍ରଫି ସହ ୩୦ହଜାର ଟଙ୍କା ଚେକ୍ ଅତିଥିମାନେ ପ୍ରଦାନ କରିଥିଲେ।

ପୂର୍ବତନ ଖୋର୍ଦ୍ଧା ବିଧାୟକ ତଥା ଆସୋସିଏସନର ପ୍ରତିଷ୍ଠାତା ସଭ୍ୟ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଏବଂ କ୍ରିକେଟ କୋଚ କାର୍ତ୍ତିକ ଜେନାଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ଅଣ୍ଡର ୧୬ଟିମରେ ପ୍ରତିନିଧିତ୍ୱ କରିଥିବା ଖୋର୍ଦ୍ଧାର ଯୁବ କ୍ରିକେଟ ଖେଳାଳି ସ୍ୱର୍ଣ୍ଣଭ ଦାସ ଏବଂ ପୀୟୂଷ ବଳିଆରସିଂଙ୍କୁ ମଧ୍ୟ ଆସୋସିଏସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇମ୍ପାକ୍ଟ ଖେଳାଳି ଭାବେ ଖୋର୍ଦ୍ଧା ଦଳର ସୁମିତ ମହାରଣାଙ୍କୁ ଏଚ୍‌ଏଚ ଟାଇମ୍ସ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚ୍‌ରେ ଅମ୍ପାୟାର ଭାବେ ପ୍ରୀତିରଞ୍ଜନ ବିଜୟ ସିଂ ଏବଂ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିଲେ। ସଭ୍ୟ ଦେବିଶଙ୍କର ପଣ୍ଡା ଧନ୍ୟବାଦ୍ ପ୍ରଦାନ କରିଥିଲେ।

● ମା' ତାରିଣୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ସେମିଫାଇନାଲରେ ବାଘମାରୀ



ବେଗୁନିଆ, ୧୨।୧(ସମିସ): ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମରେ ମା' ତାରିଣୀ ଫୁଟବଲ କ୍ଲବର ଦ୍ୱିତୀୟ ବାର୍ଷିକ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ଆମ ଗାଁ ମହୋତ୍ସବ କମିଟିର ସଭାପତି ଡ଼ଃ ଶିଶିର କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି, ସମାଜସେବୀ ପୁରୁଷୋତ୍ତମ ବାରିକ, ଯୋଗେଶ୍ୱର ପଣ୍ଡା, ଶିକ୍ଷକ ପବିଧର ପରିଡ଼ା ଓ ଚିନ୍ତାମଣି ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦଘାଟନ କରିଥିଲେ। ବାଘମାରୀ ଓ ବେତରଜଙ୍ଗ ଦଳ ମଧ୍ୟରେ ଅନୁଷ୍ଠିତ ଖେଳ ଶେଷ ପର୍ଯ୍ୟନ୍ତ ଅମୀମାଂସିତ ରହିଥିଲା। ଶେଷରେ ଟଇବ୍ରେକର ସହାୟତାରେ ବାଘମାରୀ ଦଳ ୨-୧ଗୋଲରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ରେଫରୀ ସଗିର ଅହମ୍ମଦ, ଲାଇନ୍‌ସ ମ୍ୟାନ ପ୍ରକାଶ ନାୟକ ଓ ତ୍ରିନାଥ ପରିଡ଼ା ଖେଳ ପରିଚାଳନା କରିଥିଲେ।

